# ଖରିଫ ଧାନର ଅଭାବୀ ବିକ୍ରି

**ଜଳେଶ୍ୱର, ୭।୨(ସ୍ୱ.ପ୍ର.)**

ଚଳିତବର୍ଷ ପ୍ରତିକୂଳ ପାଗରେ ଧାନ ଅମଳ ବିଳମ୍ବ ହୋଇଥିଲେ ମଧ୍ୟ ଏହା ମଧ୍ୟରେ ୨ମାସ ବିତିଗଲାଣି। ଅଧା ଚାଷୀ ଟୋକନ ପାଇ ମଧ୍ୟ ଧାନ ବିକ୍ରି ପାଇଁ ସୁଯୋଗ ପାଇପାରିନାହାନ୍ତି। ପ୍ରଶାସନିକ ଉଦାସୀନତା ଯୋଗୁ ଧାନର ବ୍ୟାପକ ଅଭାବୀବିକ୍ରିହେଉଥିବା ଦେଖିବାକୁମିଳିଛି।

କୃଷି ବିଭାଗର ସର୍ବେକ୍ଷଣ ଅନୁଯାୟୀ, ଚଳିତବର୍ଷ ଜଳେଶ୍ୱର ବ୍ଲକରେ ୨୧ହଜାର ହେକ୍ଟର ଜମିରେ ଖରିଫ ଧାନଚାଷ ହୋଇଥିଲା। ଚଳିତବର୍ଷ ଯୋଗାଣ ବିଭାଗର ଟୋକନ ଅନୁଯାୟୀ ଜଳେଶ୍ୱର ବ୍ଲକର ଧାନ ବିକ୍ରି ଲାଗି ୧୯ଟି ସମବାୟ ସମିତିକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯେତିକି ବି ଚାଷୀଙ୍କୁ ଟୋକନ ଦିଆଯାଇଥିଲା, ତା'ର ଅଧାରୁ କମ୍ ସଂଖ୍ୟକ ଚାଷୀଙ୍କଠାରୁ ଅଦ୍ୟାବଧି ଧାନ ସଂଗ୍ରହ ହୋଇଛି। ଏହି ଅନୁଯାୟୀ ୫୪୯୭ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ଟୋକନ୍ ପାଇଥିଲେ। ଅଦ୍ୟାବଧି ୨୨୯୭ଜଣ ଧାନ ବିକ୍ରି କରିବାର ସୁବିଧା ପାଇଛନ୍ତି। ୩୨ଶହ ଚାଷୀ ଧାନ ବିକ୍ରି କରିବା ପାଇଁ ଅପେକ୍ଷା କରିଛନ୍ତି। ମାତ୍ର ୯୩୭୨୫ କୁଇଣ୍ଟାଲ ଧାନ ବିକ୍ରିହୋଇଥିବା ଯୋଗାଣ ବିଭାଗ ସୂତ୍ରରୁ ଜଣାପଡିଛି ।


ମଣ୍ଡିରେ ପଡ଼ି ରହିଥିବା ଧାନ।

**ଟୋକନ ପାଇଥିବା ଅର୍ଦ୍ଧେକ ଚାଷୀଙ୍କଠାରୁ କିଣାଯାଇନି ଧାନ**

ଅଲାଲପୁର ସମବାୟ ସମିତିରେ ୬୬୦ଜଣ ଚାଷୀଙ୍କ ମଧ୍ୟରୁ ୧୯୭, ବର୍ଦ୍ଧନା ସମବାୟ ସମିତିରେ ୪୫୫ଜଣଙ୍କ ମଧ୍ୟରୁ ୨୪୨, ଦକ୍ଷିଣ ପ୍ରହରାଜପୁର ୨୬୫ଜଣଙ୍କ ମଧ୍ୟରୁ ୮୫, ନାମ୍ପୋ ସମବାୟ ସମିତିରେ ୪୪୩ ଚାଷୀଙ୍କ ମଧ୍ୟରୁ ୨୧୩, ଚାଫଲାରେ ୨୪୩ ଚାଷୀଙ୍କ ମଧ୍ୟରୁ ୧୧୦, ଲକ୍ଷ୍ମଣନାଥରେ ୨୭୧ଜଣଙ୍କ ମଧ୍ୟରୁ ୧୦୯ ଚାଷୀଙ୍କୁ ଧାନ ବିକ୍ରି ଲାଗି ଟୋକନ ମିଳିଥିଲା। ସେହିପରି ଖୁଆଡ଼ରେ ୧୭୭ଜଣଙ୍କ ମଧ୍ୟରୁ ୭୪, ରାୟାଁରାମଚନ୍ଦ୍ରପୁରରେ ୧୩୦ଜଣ ମଧ୍ୟରୁ ୬୫, ରାମନଗରପାଟଣାରେ ୨୨୯ ଜଣଙ୍କ ମଧ୍ୟରୁ ୧୦୯, ରାଇବଣିଆରେ ୨୯୩ଜଣଙ୍କ ମଧ୍ୟରୁ ୧୬୬, ଜ୍ୟୋତିଜଙ୍ଗମ ସମବାୟ ସମିତିରେ ୫୧୮ ଜଣଙ୍କ ମଧ୍ୟରୁ ୨୪୯, ପଶ୍ଚିମବାର୍ଡ଼ରେ ୧୫୮୫ଜଣଙ୍କ ମଧ୍ୟରୁ ୬୭, ଆମ୍ବଳିଅଠା ସମବାୟ ସମିତିରେ ୨୪୩ଜଣଙ୍କ ମଧ୍ୟରୁ ୪୪, ଗୋବରଘଟାରେ ୧୪୫ ଜଣରୁ ୪୮, ତେଘରୀରେ ୨୮୮ଜଣରୁ ୧୩୭, କଳମାରେ ୧୩୫ଜଣରୁ ୧୩୧, ଓଲମରାରେ ୨୧୬ଜଣରୁ ୬୬, ଇକଡ଼ାରେ ୩୦୩ ଜଣରୁ ୬୮, ପାଇକସିଦା ସମବାୟ ସମିତିରେ ୨୨୫ ଚାଷୀଙ୍କ ମଧ୍ୟରୁ ୧୧୭ଜଣ ଧାନ ବିକ୍ରି ପାଇଁ ଟୋକନ ପାଇଥିଲେ। ଟୋକନ୍ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିଥିଲେ ମଧ୍ୟ ସମିତି ଧାନ କ୍ରୟ କରିବା ଓ ଏଥିଲାଗି ମିଲର ମାଲିକମାନେ ଧାନ ଦେଉ ନ ଥିବା ଅଭିଯୋଗ ହୋଇଛି । କେତେକ ପ୍ରଭାବଶାଳୀ ମିଲର ଧାନ କ୍ରୟ ବେଳେ କୁଇଣ୍ଟାଲ ପିଛା ୧୨ କି.ଗ୍ରା. କମ୍ କରି ନେଉଥିବା ହେତୁ ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଧାନ କୁଇଣ୍ଟାଲ ପିଛା ୧୮୧୦ ଟଙ୍କା ଧାର୍ଯ୍ୟ କରିଥିବା ବେଳେ ୧୩୫୦ଟଙ୍କାରେ ଅଭାବୀ ବିକ୍ରି ହେଉଛି। ଫଳରେ ଏପରି ଅଚଳାବସ୍ଥା ସୃଷ୍ଟି ହୋଇଥିବାରୁ ଏହାର ସମାଧାନ ଲାଗି ଜିଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ଜଳେଶ୍ୱର ବ୍ଲକରେ ଥିବା କୃଷକ ସଭା, କୃଷକ ସଂଘ, ବିଭିନ୍ନ ସଙ୍ଗଠନ ଓ ଚାଷୀମାନେ ଦାବି କରିଛନ୍ତି। ନଚେତ୍ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଚାନ୍ଦିପୁର ବେଳାଭୂମିରେ ଲୁଣିବନ୍ଧର ଭିତ୍ତିପ୍ରସ୍ତର ସ୍ଥାପନ


ସଦର ବିଧାୟକ ମଦନମୋହନ ଦତ୍ତ ଲୁଣି ବନ୍ଧର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ବାଲେଶ୍ୱର ଅଫିସ, ୭।୨**

ବାଲେଶ୍ୱର ଜିଲା ଚାନ୍ଦିପୁର ବେଳାଭୂମିରେ ରାଜ୍ୟସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ଚାନ୍ଦିପୁର-ପରିଖି ଲୁଣିବନ୍ଧ ନିର୍ମାଣ ଲାଗି ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସମୁଦ୍ରତଟ ଅବକ୍ଷୟର ସୁରକ୍ଷା ଲାଗି ସଦର ବିଧାୟକ ମଦନମୋହନ ଦତ୍ତ ଏହି ବନ୍ଧର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଲୁଣିବନ୍ଧର କାର୍ଯ୍ୟ ନିମନ୍ତେ ୨୨ କୋଟି ବ୍ୟୟବରାଦ କରାଯାଇଛି। ଲୁଣିବନ୍ଧ ନିର୍ମାଣ ହେଲେ ଚାନ୍ଦିପୁର ବେଳାଭୂମି ସମ୍ପ୍ରସାରଣ ଓ ସୁରକ୍ଷିତ ହେବା ସହ ଉତ୍ତର ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରର ପ୍ରାଣବିନ୍ଦୁ ପାଲଟିବ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ଯନ୍ତ୍ରୀ ଇଂ. ଅଭିମନ୍ୟୁ ବେହେରା, ଉପନିର୍ବାହୀ ଯନ୍ତ୍ରୀ ଇଂ ନିର୍ମଳକାନ୍ତି ଜେନା, ସହକାରୀ ଯନ୍ତ୍ରୀ ହରେକୃଷ୍ଣ ଧଳ, ଏମ୍‌ପି ପ୍ରତିନିଧି ଉମାକାନ୍ତ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ପର୍ଶୁରାମ ବେହେରା, ଚାନ୍ଦିପୁର ସରପଞ୍ଚ ତପନ ଜେନା, ହିଡିଗାଁ ସରପଞ୍ଚ ବାସନ୍ତୀ ବେହେରା, ସମିତିସଭ୍ୟ ଶମ୍ଭୁନାଥ ଦଳେଇ, ସମିତିସଭ୍ୟା ମିନାରାଣୀ ହାଁସଦା, ଗୌରାଙ୍ଗ ଦାସ, ବିଭୁପଦ ଦାସ ଓ ମଣ୍ଡଳ ସଭାପତି ଅନିଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବଳଦକୁ ଧକ୍କା ଦେଇ ବାଇକ୍ ଆରୋହୀ ମୃତ

**ରୂପ୍‌ସା, ୭।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ୬୦ନଂ. ଜାତୀୟ ରାଜପଥର ସଦର ଥାନା ଅଧୀନ ପଦାବଡ଼ଗାଁ ଛକ ନିକଟରେ ଶୁକ୍ରବାର ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ପଦାବଡ଼ଗାଁ ଗ୍ରାମର ରଜନୀକାନ୍ତ ଦାସ (୬୫)। ସେ ସ୍କୁଟି ଯୋଗେ ବାଲେଶ୍ୱର ଯାଉଥିଲେ। ରାଜପଥ ଦେଇ ଅତିକ୍ରମ କରୁଥିବା ଏକ ବଳଦ ସହ ସ୍କୁଟିରେ ଧକ୍କା ହୋଇଥିଲା। ଗୁରୁତର ଆହତ ରଜନୀକାନ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

### ଦୁର୍ଘଟଣାରେ ଶ୍ରମିକ ମୃତ

**ବାଲେଶ୍ୱର ଅଫିସ/ରେମୁଣା, ୭।୨:** ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ବାମପଦା ଛକରେ ଶୁକ୍ରବାର ପୂର୍ବାହ୍ନରେ ଏକ କୁଣ୍ଡା ବୋଝେଇ ପିକଅପ୍ ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ରେମୁଣା ବ୍ଲକ ମଙ୍ଗଳପୁର ପଞ୍ଚାୟତ ପାଟଣାରାଇପୁର ଗ୍ରାମର ସନିଆ ସିଂ (୫୭)। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ୧୬ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ଯାତାୟାତରେ ସମସ୍ୟା ଦେଖାଦେଇଥିଲା। ଶିଳ୍ପାଞ୍ଚଳ ଥାନା ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ରାସ୍ତା ଅବରୋଧକୁ ହଟାଇଥିଲେ। ପିକଅପ୍ ଭ୍ୟାନ୍‌କୁ ଜବତ କରି ଥାନାକୁ ଆଣାଯାଇଛି।

### ଦୁଇ ବଖରା ଜଳିଗଲା

**ସୋର, ୭।୨(ଡି.ଏନ୍.ଏ.):** ସୋର ଥାନା ଅନ୍ତର୍ଗତ ୧୫ ନଂ. ୱାର୍ଡ ତୁଣ୍ଡପଦା ଗ୍ରାମରେ ଶୁକ୍ରବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଜଣେ ବ୍ୟକ୍ତିଙ୍କର ଦୁଇ ବଖରା ଘର ସହ ଘରୋଇ ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ଶରି କୁମାର ନାଥଙ୍କର ଦୁଇ ବଖରା ସହ ୫୦ ହଜାର ଟଙ୍କାର ସମ୍ପତ୍ତି ପୋଡିଯାଇଛି। ସୋର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା



**ଖଇରା, ୭।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ହରିପୁର ପଞ୍ଚାୟତ ଅଧୀନ ସାନନ୍ଦା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଗୟାଧର ବେହେରାଙ୍କୁ ଶୁକ୍ରବାର ସେବାନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶିକ୍ଷକ ସଂଘ ସଭାପତି କୈଳାସ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଧର ବେହେରା, ସିଆରସିସି ସଂଗ୍ରାମ ନାୟକ, ସଂଘ ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର, ସଙ୍ଗଠନ ସମ୍ପାଦକ ସନ୍ତୋଷ ଦକ୍ଷିଣରାୟ, ସରପଞ୍ଚ ସୁଲୋଚନା ରାଉତରାୟ, ସମିତିସଭ୍ୟା ଚମ୍ପାବତୀ ପଣ୍ଡା, ଏସଏମସି ସଭାପତି ହେମଲତା ମହାରଣା, ବିଜୟ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ନାୟକ ସ୍ୱାଗତ ଭାଷଣ ଓ ବସନ୍ତମଞ୍ଜରୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ତଥା ଛାତ୍ରୀଛାତ୍ରଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବାର୍ଷିକ ଉତ୍ସବ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଏ



ଅତିଥି ଏବିଇଓ ଗଦାଧର ଦାସ ବକ୍ତବ୍ୟ ଦେଉଛନ୍ତି।

**ସିମୁଳିଆ, ୭।୨(ଡି.ଏନ.ଏ.):** କୁପୁରା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ହରିହର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ବିଆର୍‌ସିସି ଲମ୍ବୋଦର ସିଂ ଉତ୍ସବର ଉଦ୍‌ଘାଟନ କରି ବିଦ୍ୟାଳୟର ବାର୍ଷିକ ଉତ୍ସବ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଏ ବୋଲି କହିଥିଲେ। ସେହିପରି ସହକାରୀ ବ୍ଲକ ଶିକ୍ଷାଧିକାରୀ (ଏବିଇଓ) ଗଦାଧର ଦାସ ପୁରସ୍କାର ବିତରଣ ଶିଶୁମାନଙ୍କ ମଧ୍ୟରେ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିଥାଏ ବୋଲି କହିଥିଲେ। କବି ଭରତ ଚନ୍ଦ୍ର ଦାଶ ପ୍ରତ୍ୟେକ ଶିଶୁ ଅମୃତର ସନ୍ତାନ ବୋଲି କହିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମନୋରଞ୍ଜନ ନାୟକ, ଭଗବାନଚନ୍ଦ୍ର ପଣ୍ଡା, ରତ୍ନାକର ବାରିକ ପ୍ରମୁଖ ଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପ୍ରଚୀର ପତ୍ର 'ଉଜ୍ଜ୍ୱଳା' ଉନ୍ମୋଚିତ ହୋଇଥିଲା। ଗୋଲକ ବିହାରୀ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଭୟ ଶିକ୍ଷା ଓ କ୍ରୀଡ଼ାରେ କୃତୀ ୯୦ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ନବକିଶୋର ଶିଅଳ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଜମି, ଘର ଯୋଗାଇ ଦିଅ'

**ରେମୁଣା, ୭।୨ (ଡି.ଏନ.ଏ.):** ଫକୀରମୋହନ ସରକାରୀ ମେଡିକାଲ କଲେଜ ଏବଂ ଛାତ୍ରାବାସ ରାସ୍ତା ନିର୍ମାଣ ପାଇଁ ବୁଧବାର ଜବରଦଖଲ ଉଚ୍ଛେଦ ହେବା ପରେ ୪ ପରିବାର ଖୋଲା ଆକାଶ ତଳେ ପଲିଥିନ ଟାଣି ରାତି କାଟୁଛନ୍ତି । ୧୯୭୬ରୁ ସେହି ପରିବାର ସେଠାରେ ବସବାସ କରିଆସୁଥିବା ବେଳେ ପ୍ରଶାସନ ସେମାନଙ୍କର ଥଇଥାନ ନ କରି ସେମାନଙ୍କ ଘର ଭାଙ୍ଗିବା ସମ୍ପୂର୍ଣ୍ଣ ବେଆଇନ ବୋଲି ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ୫ତାରିଖରେ ପୋଲିସ ବଳ ପ୍ରୟୋଗ କରି ଅପରାହ୍ନରେ ବୋଲଡଜର ଲଗାଇ ଘର ଭାଙ୍ଗିଥିଲା। ଏଥିରେ ଗଗନ ବେହେରା, ରାସମଣି ସାହୁ, ମାର୍କଣ୍ଡ ମାହାର୍ଣ୍ଣା ଏବଂ ବସନ୍ତ ବେହେରାଙ୍କ ଘରକୁ ଭାଙ୍ଗି ଦିଆଯାଇଥିଲା। ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଥିଲା। ପରିବାର ସଦସ୍ୟ ଜିନିଷପତ୍ର ସହିତ ଆଜିପର୍ଯ୍ୟନ୍ତ ଖୋଲା ଆକାଶ ତଳେ ପଡ଼ିଛନ୍ତି। ଶୀତ ସାଙ୍ଗକୁ କୋହଲା ପାଗ ଏବଂ ବର୍ଷାରେ ପରିବାର ଲୋକେ ପଲିଥିନ ତଳେ ରୋଷେଇ କରିବା ସହିତ ରାତ୍ରିଯାପନ କରୁଛନ୍ତି। ଘର ଡିହ ଏବଂ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ପୂର୍ବତନ ବିଧାୟକ ପଣ୍ଡା ଏବଂ ଶ୍ରମିକ ନେତା ପ୍ରେମରଞ୍ଜନ ପାତ୍ର ଦାବି କରିଛନ୍ତି।

# ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣକୁ ନେଇ ଦୁଇ ଗାଁ ମୁହାଁମୁହିଁ

**ଭୋଗରାଇ, ୭।୨ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଝାଟିବଣୀ ଗ୍ରାମ ମୌଜାରେ ଦୁଇଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ନେଇ ୨ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଏହି ଘଟଣାରେ ଝାଟିବଣୀ ଗ୍ରାମବାସୀ ବିଭାଗୀୟ ଓ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ ଆଇନର ଆଶ୍ରୟ ନେବେ ବୋଲି ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମତ ପ୍ରକାଶ କରିଛନ୍ତି।

କୁଣ୍ଡେଇପୁର ଓ ଝାଟିବଣୀ ଗାଁ ପାଖାପାଖି ରହିଛି। ଝାଟିବଣୀ ଗ୍ରାମରେ ପୂର୍ବରୁ ଏକ ଅଙ୍ଗନୱାଡ଼ି କେନ୍ଦ୍ର ଚାଲୁ ରହିଛି। ଝାଟିବଣୀ ଗ୍ରାମ ମୌଜାରେ କୁଣ୍ଡେଇପୁର ଉଚ୍ଚ ପ୍ରାଥମିକ ନୋଡ଼ାଲ ସ୍କୁଲ ଥିବାରୁ ସେଠାରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣକୁ ଝାଟିବଣୀ ଗ୍ରାମବାସୀ ବିରୋଧ କରିଛନ୍ତି। କୁଣ୍ଡେଇପୁର ନୋଡାଲ ସ୍କୁଲ ଝାଟିବଣୀ ଗ୍ରାମ ମୌଜାରେ ଥିବାରୁ ଗ୍ରାମବାସୀ ତାଙ୍କ ବିଦ୍ୟାଳୟ ଦାବି କରି ଆସୁଥିଲେ। ଏହାକୁ ଉଭୟ ଗ୍ରାମର ଗ୍ରାମବାସୀଙ୍କ ମଧ୍ୟରେ ବାଦାନୁବାଦ ଲାଗି ରହିଆସୁଛି। ୫ବର୍ଷ ପୂର୍ବେ କୁଣ୍ଡେଇପୁର ନୋଡାଲ ସ୍କୁଲଠାରେ ୭ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣାଧୀନ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ଲାଗି ବିବାଦ ଲାଗି ରହିଥିବାରୁ ଆର୍ଥିକ ଅନୁଦାନ ଶୀତଳଭଣ୍ଡାରରେ ପଡ଼ିରହିଛି। ବର୍ତ୍ତମାନ ବିଡିଓ ଦୀପ୍ତିରଞ୍ଜନ ସେଠୀ କୁଣ୍ଡେଇପୁରଠାରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଧିକାରୀଙ୍କ ମନମୁଖି କାର୍ଯ୍ୟକୁ ସାଲିସ କରାଯିବ ନାହିଁ ବୋଲି ଝାଟିବଣୀ ଗ୍ରାମବାସୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ବ୍ରଜଗୋପାଳ ଦାସ, ଦିବାକର ବେହେରା, ଝାଡ଼େଶ୍ୱର ବେହେରା, ଉତ୍ତମ କୁମାର ପ୍ରଧାନ, ରାଧାଗୋବିନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଝାଟିବଣୀ ମୌଜାରେ କୁଣ୍ଡେଇପୁର ସ୍କୁଲରେ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ।

# ୧୦ରେ ଜୁଣିଆଁ ଶିଶୁ ପ୍ରତିଭା ବିକାଶ ମହୋତ୍ସବ

**ବାହାନଗା, ୭।୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତର ଜୁଣିଆଁ ଶିଶୁ ପ୍ରତିଭା ବିକାଶ ମହୋତ୍ସବ ଆସନ୍ତା ଫେବୃୟାରୀ ୧୦ରୁ ଆରମ୍ଭ ହେବ ବୋଲି ମହୋତ୍ସବ କମିଟି ତରଫରୁ ଏକ ପ୍ରେସ୍ ଇସ୍ତାହାରରେ ଜଣାଯାଇଛି। ଏହି ମହୋତ୍ସବ ୩ ଦିନ ଧରି ପ୍ରତ୍ୟହ ଦିବାରାତ୍ରି ଅନୁଷ୍ଠିତ ହେବ । ଏହି ଅବସରରେ ବିଦ୍ୟାଳୟ ସ୍ତରୀୟ ସାଧାରଣଜ୍ଞାନ, ଚିତ୍ରାଙ୍କନ, ଏକକ ଅଭିନୟ, ଏକକ ନୃତ୍ୟ, ସଙ୍ଗୀତ ଆଦି ପ୍ରତ୍ୟହ ଦିନ ୧୦ଟା ସମୟରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ସମୟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ପ୍ରକାଶ କରିଛନ୍ତି । ଏଥିରେ ୩ ଭାଗରେ ଛାତ୍ରୀଛାତ୍ରମାନଙ୍କୁ ବିଭକ୍ତ କରାଯାଇଛି । ସର୍ବକନିଷ୍ଠ(୧ମ ରୁ ୫ମ ଶ୍ରେଣୀ), କନିଷ୍ଠ ବର୍ଗ (୫ମରୁ ୮ମ ଶ୍ରେଣୀ), ବରିଷ୍ଠ ବର୍ଗ (୯ମ ରୁ ୧୦ମ ଶ୍ରେଣୀ)ର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସନ୍ଧ୍ୟାରେ ଅନୁଷ୍ଠିତ ସାଧାରଣ ଅଧିବେଶନ ଓ ସାଧାରଣ ସଭାରେ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯିବ। ଏହା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଙ୍ଗୀତ, ନୃତ୍ୟ ପରିବେଷଣ, ଓଲିଉଡ କଳାକାର, ଜଲିଉଡ କଳାକାରମାନଙ୍କର କଳା ପ୍ରଦର୍ଶନ ସହିତ ବାଣିଜ୍ୟ ସମାବେଶର ଆୟୋଜନ କରାଯାଇଛି ବୋଲି କମିଟି ସଭାପତି ଯଦୁନାଥ ପରିଡା, ସମ୍ପାଦକ ସୁବାସ ଚନ୍ଦ୍ର ବେହେରା, ଉପମୁଖ୍ୟ ପରିଚାଳକ ରାଜକିଶ୍ୱର ଗୁପ୍ତା, ମୁଖ୍ୟ ପରିଚାଳକ ଶିଶିର କୁମାର ପଣ୍ଡା ପ୍ରମୁଖ ସଦସ୍ୟ ମାନଙ୍କ ଏକ ବୈଠକରେ ମତ ପ୍ରକାଶ କରାଯାଇ ଇସ୍ତାହାରରେ ପ୍ରକାଶ କରିଛନ୍ତି ।

# ଛାତ୍ରୀଛାତ୍ର ରାଷ୍ଟ୍ରର ବୃହତ୍ ଶକ୍ତି

**ରୂପ୍‌ସା, ୭।୨ (ଡି.ଏନ.ଏ.):** ଦେଶ, ଜାତି ଗଠନରେ ଛାତ୍ର ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। କୌଣସି ପରିସ୍ଥିତିରେ ଏମାନେ ବିପଥଗାମୀ ହେବା ଅନୁଚିତ୍। ଛାତ୍ରୀଛାତ୍ର ହିଁ ରାଷ୍ଟ୍ରର ଶକ୍ତି ବୋଲି ବାଲେଶ୍ୱର ସଦର ବ୍ଲକ ଉଇଟିକିରି ଶାନ୍ତିଲତା ମହାବିଦ୍ୟାଳୟରେ ଶୁକ୍ରବାର ଆୟୋଜିତ ୪୦ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ସଦର ବ୍ଲକ ଚେୟାରମ୍ୟାନ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ପ୍ରାଧ୍ୟାପକ ଗୋବିନ୍ଦ ଚନ୍ଦ୍ର ମାଝି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନନୀୟ ଅତିଥି ଡ. ଭାଗବତ ବେହେରା ଆଧ୍ୟାତ୍ମିକ ଚିନ୍ତା ଚେତନାରେ ବ୍ରତୀ ହେଲେ ପିଲାଙ୍କ ମନରେ ସକରାତ୍ମକ ଭାବନା ଉଦ୍ରେକ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ। ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ ଅତିଥି ପରିଚୟ, ଅଧ୍ୟାପକ ବିଜୟ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ରୀଡ଼ା ଅଧ୍ୟାପକ ଜୀବନକୃଷ୍ଣ ଗିରିଙ୍କ ତତ୍ତ୍ୱାବଧାନରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ମନୋରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ନିର୍ମିତ ବାଗ୍‌ଦେବୀ ଓ ଗଣପତିଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା।


'ବନ୍ଦେ ଉତ୍କଳ ଜନନୀ' ଗାନ ବେଳେ ଅତିଥିମାନେ ଛିଡ଼ା ହୋଇଛନ୍ତି।

# ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ**

**ବାଲେଶ୍ୱର ଅଫିସ, ୭।୨:** ବାଲେଶ୍ୱର ସଦର ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗୋବିନ୍ଦପୁର ପ୍ରାଥମିକ ବିଦ୍ୟାଳୟରେ ଥିବା ପୁରୁଣା ଶୌଚାଳୟରେ ରଙ୍ଗ ଲଗାଇ ପଞ୍ଚାୟତରୁ ୧୫ହଜାର ଟଙ୍କା ହଡ଼ପ କରାଯାଇଥିବା, ଗୋପୀନାଥପୁର ପ୍ରାଥମିକ ବିଦ୍ୟାଳୟରେ ର୍‍ୟାମ୍ପ ତିଆରିରେ ମାତ୍ର ୩/୪ହଜାର ଟଙ୍କା ଖର୍ଚ୍ଚ କରି ୨୦ହଜାର ଟଙ୍କାର ବିଲ୍ ଉଠାଣ କରାଯାଇଥିବା ଓ ଚତୁର୍ଦ୍ଦଶ କେନ୍ଦ୍ର ଅର୍ଥ ଯୋଜନାରେ ମାଟି କାମ ପାଇଁ ଆସିଥିବା ୧ଲକ୍ଷ ୧୦ହଜାର ଟଙ୍କା କାର୍ଯ୍ୟକୁ ନିମ୍ନମାନର କରି ଅର୍ଥ ହଡପ କରାଯାଇଥିବା ଜଣାପଡ଼ିଛି। ଗତ ୨୦୧୯ ବିଧାନସଭା ନିର୍ବାଚନର ବିଜ୍ଞପ୍ତି ମାର୍ଚ୍ଚ ୧୦ରୁ ମେ' ୨୭ ପର୍ଯ୍ୟନ୍ତ ଜାରି ଥିବା ସମୟରେ ଉକ୍ତ ୨ଟି ପ୍ରକଳ୍ପର ବିଲ୍‌କୁ ୨୦୧୯ ଏପ୍ରିଲ ୪ତାରିଖରେ ଉକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀ ପୁରସ୍ତମ କରଣ କୌଣସି କାରଣରୁ ଛୁଟିରେ ଥିବାବେଳେ ସରପଞ୍ଚ କାର୍ଯ୍ୟାଦେଶ ଦେଇ ନିର୍ଦ୍ଧାରିତ ଅର୍ଥକୁ ମଞ୍ଜୁର କରିଥିବା ଗ୍ରାମବାସୀ କାର୍ତ୍ତିକ ପାତ୍ର, ବିକାଶ କୁମାର ପରିଡ଼ା, ଦୀପକ ପାତ୍ର, ଶ୍ରୀଧର ପାତ୍ର ପ୍ରମୁଖ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଗତ ୩ ତାରିଖରେ ଜିଲାପାଳ ଅଫିସ୍ ଚିଠି (ନଂ. ୫୮୪)ରେ ଜିଲା ପଞ୍ଚାୟତ ଅଧିକାରୀ ନିମାଇଁ ଚରଣ ମହାନ୍ତିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏ ସମ୍ପର୍କରେ ଗୋପୀନାଥପୁର ସରପଞ୍ଚ ସତ୍ୟଭାମା ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ନିର୍ବାଚନ ବିଜ୍ଞପ୍ତି ଜାରି ହେବା ପରେ ଉକ୍ତ ବିଦ୍ୟାଳୟ ଦ୍ୱୟରେ ଭୋଟ କେନ୍ଦ୍ର ହେବାର ନିଷ୍ପତ୍ତି ହୋଇଥିଲା। ମାତ୍ର ସେଠାରେ ଶୌଚାଳୟ ଏବଂ ର୍‍ୟାମ୍ପ ନ ଥିବା ତଦନ୍ତ କରି ଜରୁରୀକାଳୀନ ପରିସ୍ଥିତିରେ ନିର୍ମାଣ କରାଯାଇଥିଲା। ଅନ୍ୟପକ୍ଷରେ ଗୋବିନ୍ଦପୁର ରାସ୍ତାରେ ଫଳକ ଦିଆଯାଇ ସମସ୍ତ ନିୟମ ସହ ଠିକ୍ କାର୍ଯ୍ୟ କରାଯାଇଛି। ଉଭୟ କାମକୁ ସରକାରୀ କନିଷ୍ଠଯନ୍ତ୍ରୀ ଏବଂ ବିଭାଗୀୟ ଅଧିକାରୀମାନେ ତଦନ୍ତ କରି ବିଲ୍ ପେମେଣ୍ଟ କରିଛନ୍ତି। ରାଜନୈତିକ ଆକ୍ରୋଶରେ ଏହା କରାଯାଇଥିବା ପାଲଟା ଅଭିଯୋଗ କରିଛନ୍ତି।

ଜିଲା ପଞ୍ଚାୟତ ଅଧିକାରୀ ନିମାଇଁ ଚରଣ ମହାନ୍ତିଙ୍କ କହିବାନୁସାରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଉକ୍ତ ପଞ୍ଚାୟତରେ ସରପଞ୍ଚଙ୍କ ଦ୍ୱାରା କରାଯାଇଥିବା ହଡ଼ପକୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ପାଇଛନ୍ତି। ତଦନ୍ତ କରାଯାଇ ବିଧିବଦ୍ଧ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।


ରଙ୍ଗ ଦିଆଯାଇଥିବା ପୁରୁଣା ଶୌଚାଳୟ।

**ପୂର୍ବ ତଟ ରେଳପଥ**
**ନିର୍ମାଣ କାର୍ଯ୍ୟ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2020010, ତା: 04.02.2020
**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ମଧ୍ୟରେ ନୂଆ ବ୍ରଡ୍ ଗେଜ୍ (B.G.) ରେଳ ଲିଙ୍କ୍ : ନୟାଗଡ଼-ବୁଗୁଡ଼ା ସେକ୍ସନ ମଧ୍ୟରେ ସିଏଚ୍.(CH. KM.) କି.ମି. 96.015 ଠାରେ ଓପନ ଫାଉଣ୍ଡେସନ ସହିତ ଏଲିଫ୍ୟାଣ୍ଟ ପ୍ୟାସେଜ (Elephant Passage) ବ୍ରିଜ୍ ନଂ.190 (2X30.5 ଓପନ ୱେବ୍ ଗର୍ଡ଼ର) ଏବଂ ସିଏଚ୍. (CH. KM.) କି.ମି. 106.450 ଠାରେ ଓପନ ଫାଉଣ୍ଡେସନ ତଥା ରିନ୍‌ଫୋର୍ସଡ୍ ଋାର୍ଥ (Reinforced Earth) ୱାଲ ସହିତ ରୋଡ୍ ଓଭର ବ୍ରିଜ୍ (ROB) ନଂ.235 (2X30.00M କମ୍ପୋଜିଟ୍ ଗର୍ଡ଼ର) ର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 2150.40 ଲକ୍ଷ, EMD (ଟଙ୍କାରେ) : ₹ 12,25,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.03.2020ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
10% ରୁ ଅଧିକ ଟେଣ୍ଡର ମୂଲ୍ୟ ତୁଳନାରେ ସର୍ବନିମ୍ନ ମୋଟ ମୂଲ୍ୟ ପ୍ରଦାନ କରୁଥିବା ଟେଣ୍ଡରଦାତାମାନଙ୍କୁ ଟେଣ୍ଡର ମୂଲ୍ୟର ପ୍ରତିଶତ ସହିତ ସମାନ ମୂଲ୍ୟର ଅତିରିକ୍ତ ପର୍‌ଫର୍‌ମାନ୍ସ ଗ୍ୟାରେଣ୍ଟି ଦାଖଲ କରିବାକୁ ହେବ, ଯଦ୍ୱାରା ପ୍ରସ୍ତାବ ସ୍ୱୀକୃତି ଉପରେ ପ୍ରସ୍ତାବ 10% ରୁ କମ୍ ହୋଇପାରିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-122/CC/19-20

**ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ**
**କଟକ ଖଣ୍ଡପୀଠ**
**କଟକରେ**
**ସି.ଏ./(ସି.ଏ.ଏ.) ସଂ.୦୭/ସିଟିବି/୨୦୧୯**
ମାମଲାରେ;
କମ୍ପାନୀ ଅଧିନିୟମ, ୨୦୧୩
ଏବଂ
ମାମଲାରେ;
କଥିତ ଅଧିନିୟମର ଧାରା ୨୩୦ରୁ ୨୩୨ ତଥା କମ୍ପାନୀ ଅଧିନିୟମ, ୨୦୧୩ର ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥାପନ ସହିତ ପଠନପୂର୍ବକ କମ୍ପାନୀ (ବୁଝାମଣା, ବ୍ୟବସ୍ଥା ଓ ଏକୀକରଣ) ନିୟମାବଳୀ, ୨୦୧୬ ଅଧୀନରେ ପିଟିସନ
ଏବଂ
ଦାନ୍ତା ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୯ସିଟି୨୦୧୪ପିଟିସି୦୦୯୦୧୬) (ପ୍ୟାନ୍ ନଂ.– ଏଏଇସିଡି୯୬୨୮ଜି), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି–୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ, କିଇ ରୋଡ୍ ରାୟପୁର–୪୯୨୧୦୧ ....... ପ୍ରଥମ ବାଦୀ/ହସ୍ତାନ୍ତରକର୍ତ୍ତା କମ୍ପାନୀ ୧
ଏବଂ
ଗ୍ଲିବ୍ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୦ସିଟି୨୦୧୦ପିଟିସି୦୦୯୦୩୧), (ପ୍ୟାନ୍ ନଂ.– ଏଏଇସିଜି୦୨୦୮କେ), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି–୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ, କିଇ ରୋଡ୍ ରାୟପୁର–୪୯୨୧୦୧ ...... ଦ୍ୱିତୀୟ ବାଦୀ/ହସ୍ତାନ୍ତରକର୍ତ୍ତା କମ୍ପାନୀ ୨
ଏବଂ
ସିଦ୍ଧେଶ୍ୱରୀ ଟ୍ରେଡେକ୍ସ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୯ସିଟି୨୦୧୩ପିଟିସି୦୦୯୦୧୭), (ପ୍ୟାନ୍ ନଂ.– ଏଏଟିସିଏସ୍୦୯୭୪ଏମ୍), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି–୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ, କିଇ ରୋଡ୍ ରାୟପୁର–୪୯୨୧୦୧ ...... ତୃତୀୟ ବାଦୀ/ହସ୍ତାନ୍ତରଗ୍ରାହୀ କମ୍ପାନୀ
ମାମଲାରେ
୨୦ ଜାନୁୟାରୀ, ୨୦୨୦ ଦିନ ପ୍ରଦତ୍ତ ଆଦେଶ
**ପିଟିସନ ନୋଟିସ**
**ନୋଟିସ ପ୍ରଦାନ କରାଯାଉଛି ଯେ** କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ରୁ ଧାରା ୨୩୨ ସମେତ ପଠନପୂର୍ବକ ଅନ୍ୟାନ୍ୟ ବ୍ୟବସ୍ଥାପନ ଅଧୀନରେ, ଉପରନାମିତ ବାଦୀମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ଦାନ୍ତା ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍, ଗ୍ଲିବ୍ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍, ସିଦ୍ଧେଶ୍ୱରୀ ଟ୍ରେଡେକ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସେମାନଙ୍କର ସମ୍ପୃକ୍ତ ଅଂଶୀଦାରଙ୍କ ପ୍ରସ୍ତାବିତ ମିଶ୍ରଣ ଯୋଜନାର ମଞ୍ଜୁରୀ ଆଦେଶକୁ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠ ଦ୍ୱାରା ୨୦ ଜାନୁୟାରୀ ୨୦୨୦ ଦିନ ସ୍ୱୀକୃତ ହୋଇଥିଲା ଏବଂ ଏହାର ଶୁଣାଣି ତାରିଖକୁ ୨୦ ଫେବୃୟାରୀ, ୨୦୨୦ ଦିନ ଧାର୍ଯ୍ୟ କରାଯାଇଛି ।
**କୌଣସି ବ୍ୟକ୍ତି** ଯଦି କଥିତ ପିଟିସନକୁ ସମର୍ଥନ କିମ୍ବା ବିରୋଧ କରିବା ପାଇଁ ଇଚ୍ଛୁକ ଥାଆନ୍ତି ତେବେ ସେ ନିମ୍ନପ୍ରଦତ୍ତ ଠିକଣାରେ ବାଦୀଙ୍କ ଓକିଲଙ୍କ ନିକଟକୁ ନିଜସ୍ୱ କିମ୍ବା ନିଜ ଓକିଲଙ୍କ ସ୍ୱାକ୍ଷର ତଥା ପୂରା ନାମ ଓ ଠିକଣା ସହିତ ତାଙ୍କର ଅଭିପ୍ରାୟ ଦର୍ଶାଉଥିବା ଏକ ନୋଟିସ ପ୍ରେରଣ କରିବେ ଯାହା ପିଟିସନ ଶୁଣାଣି ଲାଗି ଧାର୍ଯ୍ୟ ତାରିଖରୁ ଦୁଇ ଦିନ ପୂର୍ବ ସୁଦ୍ଧା ବାଦୀଙ୍କ ଓକିଲଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ପିଟିସନର ବିରୋଧ କରୁଥିବା କ୍ଷେତ୍ରରେ, ଶୁଣାଣି ପାଇଁ ସ୍ଥିର ତାରିଖରୁ ଦୁଇ ଦିନ ପୂର୍ବ ସୁଦ୍ଧା, ବିରୋଧର କାରଣ କିମ୍ବା ପିଟିସନ ବିରୁଦ୍ଧରେ ବ୍ୟବହାର ହେବା ଲାଗି ଉଦ୍ଦିଷ୍ଟ ସତ୍ୟପାଠର ଏକ ପ୍ରତିଲିପି ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠ, ଡଗରପଡ଼ା, ସିଡିଏ ଏରିଆ, କଟକ, ଓଡ଼ିଶା–୭୫୩୦୦୨, ଭାରତଙ୍କ ନିକଟରେ ଦାଏର କରିବେ ଏବଂ ଏକ ପ୍ରତିଲିପି ବାଦୀଙ୍କ ଓକିଲଙ୍କ ନିକଟକୁ ପ୍ରେରଣ କରିବେ । ପିଟିସନର ପ୍ରତିଲିପି ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତି ନିର୍ଦ୍ଧାରିତ ଦେୟ ପୈଠ କରି ବାଦୀଙ୍କ ଓକିଲଙ୍କଠାରୁ ତାହା ପ୍ରାପ୍ତ କରିପାରିବେ ।
ତାରିଖ: ୭ ଫେବୃୟାରୀ, ୨୦୨୦
ସ୍ୱା./–
**ମେସର୍ସ ହେମନ୍ତ ସେଠୀ ଆଣ୍ଡ କୋ.**
ବାଦୀଙ୍କ ଓକିଲ,
ସ୍ଥାନ: ମୁମ୍ବାଇ
୧୬୦୨ ନବ ପରମାଣୁ, ଅମର ସିନେମା ପଛ,
ତାରିଖ: ୭।୨।୨୦୨୦
ଚେମ୍ବୁର, ମୁମ୍ବାଇ–୪୦୦୦୭୧

## ସଂକ୍ଷେପରେ

### ବସ୍ ଯାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

**ରାଇରଙ୍ଗପୁର,୭।୨(ଡି.ଏନ୍.ଏ):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ବିଜାତଳା ବସ୍ ଷ୍ଟାଣ୍ଡରେ ଶୁକ୍ରବାର ଜଣେ ଯାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ବାଦାମପାହାଡ଼ ଥାନା ଅନ୍ତର୍ଗତ ପାହାଡ଼ପୁର ଗ୍ରାମର ବାୟା ପୂର୍ତ୍ତି। ବସ୍‌ରେ ଯାଉଥିବା ବେଳେ ସେ ଅସୁସ୍ଥ ହୋଇ ପଡ଼ିବାରୁ ବସ୍ କର୍ମଚାରୀମାନେ ତାଙ୍କୁ ବିଜାତଳାଠାରେ ଓହ୍ଲାଇ ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨/୨୦) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ଗଳିତ ମୃତଦେହ ଉଦ୍ଧାର

**ଖୁଣ୍ଟା,୭।୨(ଡି.ଏନ୍.ଏ):** ଖୁଣ୍ଟା ଥାନା ତଥା ଡୁକୁରା ୱାଇଲ୍ଡ ଲାଇଫ ରେଞ୍ଜ ଅଞ୍ଚଳରୁ ଶୁକ୍ରବାର ପୋଲିସ ଏକ ଗଳିତ ମୃତଦେହ ଉଦ୍ଧାର କରିଛି। ଗୁରୁବାର ଶିମିଳିପାଳ ପାଦଦେଶରେ ଥିବା ଗ୍ରାମବାସୀମାନେ ଅଭୟାରଣ୍ୟ ଭିତରକୁ ଯାଇଥିବା ବେଳେ ପାଣିହୁଡ଼ି ନିକଟରେ ଏକ ଗଳିତ ମୃତଦେହ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଶୁକ୍ରବାର ଖୁଣ୍ଟା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଜାରି ରଖିଛି। ମୃତକଙ୍କ ପରିଚୟ ଜଣା ପଡ଼ି ନାହିଁ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪/୨୦) ରୁଜୁ ହୋଇଛି।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଯଶିପୁର,୭।୨(ଡି.ଏନ୍.ଏ.):** ଯଶିପୁର ବ୍ଲକ୍ ପାହାଡ଼ପୁର ଗ୍ରାମର ଉଦ୍‌ଯୋଗୀ ଯୁବକ ସଂଘ ଆନୁକୂଲ୍ୟରେ ୪୪ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଉପନିର୍ଦ୍ଦେଶକଙ୍କୁ ଭେଟିଲା ପ୍ରତିନିଧିମଣ୍ଡଳୀ

**ବାରିପଦା ଅଫିସ, ୭।୨**

ଶିମିଳିପାଳରେ ବାଘ ସଂଖ୍ୟା ହ୍ରାସ ହେଉଥିବା ଅଭିଯୋଗ କରି ମୟୂରଭଞ୍ଜ ଜିଲାର ଏକ ପ୍ରତିନିଧିମଣ୍ଡଳୀ ଶିମିଳିପାଳ ଟାଇଗର ରିଜର୍ଭର ଉପନର୍ଦ୍ଦେଶକ ଯଜ୍ଞଦତ୍ତ

**ଶିମିଳିପାଳରେ ବାଘ ସଂଖ୍ୟା ହ୍ରାସ ଘଟଣା**

ପତିଙ୍କୁ ଶୁକ୍ରବାର ଭେଟି ଶିମିଳିପାଳର ଭବିଷ୍ୟତ ସ୍ଥିତି ସମ୍ବନ୍ଧରେ ଆଲୋଚନା କରିଥିଲେ। ଶିମିଳିପାଳରେ ବାଘ ସଂଖ୍ୟା ବର୍ଷକୁ ବର୍ଷ କମିବାରେ ଲାଗୁଛି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଅବାଧ ଗଛ କଟା ଚାଲିଛି।


ଉପନିର୍ଦ୍ଦେଶକଙ୍କ ସହ ପ୍ରତିନିଧିମଣ୍ଡଳୀ ଆଲୋଚନା କରୁଛନ୍ତି।

ଫଳରେ ଜଙ୍ଗଲ ପଡ଼ିଆ ହେବାକୁ ବସିଲାଣି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରି ବାନ୍ଧି ରଖୁଥିବା ମହେନ୍ଦ୍ର ଓ ରାଜକୁମାର ଶିମିଳିପାଳକୁ ଫେରିବା ଅନିଶ୍ଚିତତା ଭିତରେ ଗତି କରୁଛି। ଅଭୟାରଣ୍ୟ ପାଇଁ ଆସୁଥିବା କେନ୍ଦ୍ରୀୟ ସହାୟତା ଠିକ୍ ଭାବରେ ବିନିଯୋଗ କରା ନ ଯାଇ ବାଟମାରଣା ହେଉଥିବା ପ୍ରତିନିଧିମଣ୍ଡଳୀ ଅଭିଯୋଗ କରିଥିଲେ। ଯାହାଫଳରେ ଶିମିଳିପାଳର ଗୌରବ ଓ ଗରିମା ଆଜି ଲୁପ୍ତ ହେବାକୁ ବସିଥିବା ପ୍ରତିନିଧିମାନେ ଅଭିଯୋଗ କରିଥିଲେ। ତୁରନ୍ତ ଅଭୟାରଣ୍ୟରେ ଗଛକଟାକୁ ବନ୍ଦ କରି ଚାରାରୋପଣ କରିବା, ଶିମିଳିପାଳ ଅଭୟାରଣ୍ୟର ସୌନ୍ଦର୍ଯ୍ୟ ଓ ଗୌରବକୁ ଫେରାଇ ଆଣିବା ଦାବି ନେଇ ପ୍ରତିନିଧି ଦଳ ଉପନିର୍ଦ୍ଦେଶଙ୍କ ସହ ଆଲୋଚନା କରିଥିଲେ। ପ୍ରତିନିଧିମଣ୍ଡଳୀରେ କଳିଙ୍ଗ କେଶରୀ ଜେନା, ନିମାଇଁ ତ୍ରିପାଠୀ, ରାକେଶ ସିଂ, ପିଣ୍ଟୁ ମାଇତି, ରାକେଶ ବେହେରା, ସାମନ୍ତ ଶେଖର ପାଲ୍, ଜ୍ୟୋତିରଞ୍ଜନ ପୃଷ୍ଟି, ସୌମ୍ୟରଞ୍ଜନ ମିଶ୍ର, ଋଷିରାଜ ପଟ୍ଟନାୟକ, ଏସ୍.କେ ରାଜା ଖାନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଣି ଗାରେଡ଼ି ବିରୋଧରେ ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**କପ୍ତିପଦା,୭।୨(ଡି.ଏନ୍.ଏ):** କପ୍ତିପଦା, ନୂଆସାହି ମହାବିଦ୍ୟାଳୟରେ +୨ ଓ +୩ ଯୁଥ ରେଡକ୍ରସ ଓ ଏନ.ଏସ.ଏସ ସହଯୋଗରେ ଶୁକ୍ରବାର ଗୁଣି ଗାରେଡି ବିରୋଧରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର କୁମାର ପଟ୍ଟନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ମାନବାଦୀ ହେତୁବାଦୀ ସଂସ୍ଥାର ସୁରେଶ ରାଜା, ସମ୍ମାନନୀୟ ବକ୍ତା ଭାବେ ଅର୍ଜ୍ଜୁନ ଚରଣ ସାମନ୍ତରାୟ, ଅନ୍ୟତମ ବକ୍ତା ଭାବେ ସମାଜସେବୀ ମନମୋହନ ମିଶ୍ର ପ୍ରମୁଖ ଯୋଗ ଦେଇ ଗୁଣିଗାରେଡି ଆଧାରରେ ବଞ୍ଚିବା ଏକ ରୁଗୁଣ ମାନସିକତା, ଏଥିରେ ବୈଜ୍ଞାନିକ ଭିତ୍ତି ନାହିଁ ବରଂ ଅନ୍ଧବିଶ୍ୱାସ ଅଧିକ ବୋଲି ପ୍ରକାଶ କରିଥିଲେ। ତେଣୁ ଗୁଣି ଗାରେଡିରୁ ମୁକ୍ତି ପାଇବାର ଏକ ମାତ୍ର ଉପାୟ ସଚେତନତା ବୋଲି ସେ କହିଛନ୍ତି। +୨ର ଯୁବ ରେଡକ୍ରସ ଉପଦେଷ୍ଟା ହରମୋହନ ଜେନା, +୩ର ଯୁବ ରେଡକ୍ରସ ଉପଦେଷ୍ଟା ଚନ୍ଦ୍ର ମୋହନ ପରିଡା, ଏନଏସଏସ ଉପଦେଷ୍ଟା ସଞ୍ଜୟ କୁମାର ସେନାପତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଆଖପାଖ ଅଞ୍ଚଳର ମହିଳା ଓ ପୁରୁଷମାନେ ଅଂଶ ଗ୍ରହଣ କରିଥିଲେ।

# ମୋ ସ୍ୱାସ୍ଥ୍ୟ ମୋ ଅଧିକାର ଅଭିଯାନ



କୁଷ୍ଠ ରୋଗୀମାନଙ୍କୁ ଅତିଥିମାନେ ସୂଚନା ଦେଉଛନ୍ତି।

**ବାରିପଦା ଅଫିସ, ୭।୨**

ଆରଡିଏସି ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ମୋ ସରକାର ଅନ୍ତର୍ଗତ ମୋ ସ୍ୱାସ୍ଥ୍ୟ ମୋ ଅଧିକାର ଅଭିଯାନ କାର୍ଯ୍ୟକ୍ରମ ରଘୁନାଥପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଆରଡିଏସି ସମ୍ପାଦକ ବିଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା କୁଷ୍ଠ ନିବାରଣ ଅଧିକାରୀ ଡା. ଶାନ୍ତନୁ କୁମାର ଦାଶ ମୁଖ୍ୟଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅଭିଯାନ ଜିଲାରେ ଚିହ୍ନଟ ହୋଇଥିବା ୮୪୦ ଜଣ କୁଷ୍ଠରୋଗୀଙ୍କ ସର୍ବାଙ୍ଗୀନ ବିକାଶରେ କାର୍ଯ୍ୟ କରିବ। ଚିହ୍ନଟ ରୋଗୀଙ୍କୁ ନିୟମିତ ଚିକିତ୍ସା, ଏମଡ଼ିଟି ସେବନ ଉପରେ ତଦାରଖ, କୃତ୍ରିମ ଅଙ୍ଗ ପ୍ରଦାନ, ସଶକ୍ତିକରଣ ଓ ଦୀର୍ଘମିଆଦି ଯୋଜନାରେ ପେନଶନ, ପରିବାର ପିଲାଙ୍କ ପାଇଁ ଥଇଥାନ ଆଦି କାର୍ଯ୍ୟକ୍ରମ କରାଯିବ ବୋଲି କାର୍ଯ୍ୟକ୍ରମରେ ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା କୁଷ୍ଠ ନିବାରଣ କାର୍ଯ୍ୟାଳୟର ବୈଷୟିକ ପରାମର୍ଶଦାତା ମହେନ୍ଦ୍ର ମହାନ୍ତ, କ୍ଷୀରୋଦ କୁମାର ଚୌଧୁରୀ, ଜିଲା ସଂଯୋଜକ ଦିଲ୍ଲୀପ କୁମାର ରାଉତ, କୁନି ମହାନ୍ତି, ଅମ୍ରିତା ଦାଶ, ସତ୍ୟକାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

**କପ୍ତିପଦା, ୭।୨(ଡି.ଏନ.ଏ):** କପ୍ତିପଦା ବ୍ଲକ ଗୌଡଗାଁସ୍ଥିତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦର୍ଶନ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ମୁଖ୍ୟବକ୍ତା ଭାବେ ଉଦଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ଭୋଳାନାଥ ସାହୁ, ସମ୍ମାନନୀୟ ବକ୍ତା ଭାବେ ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷ ପ୍ରତାପ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଭାସ୍କର ଚନ୍ଦ୍ର ବାରିକ୍, ରଣଜିତ ସାହୁ, ପ୍ରଦୀପ ଚନ୍ଦ୍ର ସାହୁ, ମହେନ୍ଦ୍ର ନାଥ ସାହୁ, ସିଆରସିସି ସୂର୍ଯ୍ୟନାରାୟଣ ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ରମାକାନ୍ତ ବାରିକ୍ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଛାତ୍ରୀ ଶକ୍ତି ସ୍ୱରୂପା ନାୟକ ଓ ସସ୍ମିତା ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ଶିକ୍ଷକ ରସାନନ୍ଦ ବେହେରା ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଅକ୍ଷୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟ ଏଥିରେ ସହଯୋଗ କରିଥିଲେ।

# ଶୁଳିଆପଦା ପଞ୍ଚାୟତ ସମିତି ବୈଠକ

**କୋଷ୍ଟା, ୭।୨ (ଡି.ଏନ୍.ଏ):** ଶୁଳିଆପଦା ପଞ୍ଚାୟତ ସମିତି ବୈଠକ ଅଧ୍ୟକ୍ଷ ଠୁମ୍ପୁ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ମୋରଡା ବିଧାୟକ ରାଜକିଶୋର ଦାଶ, ମୟୂରଭଞ୍ଜ ଏମ.ପିଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ମହାନ୍ତ, ୫୩ ନଂ. ଜିଲା ପରିଷଦ ସଦସ୍ୟ ସୁଧୀର କୁମାର ବେହେରା, ବି.ଡି.ଓ. ପରୀକ୍ଷିତ ଜେନା, ଅତିରିକ୍ତ ତହସିଲଦାର ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷା ଭାରତୀ ସି ମଞ୍ଚାସୀନ ନ ହୋଇ ତଳେ ସମିତି ସଭ୍ୟ ଓ ସରପଞ୍ଚମାନଙ୍କ ସହିତ ବସିଥିବା ଦେଖିବାକୁ ମିଳିଥିଲା। ତାଙ୍କର କୌଣସି ଗୁରୁତ୍ୱ ରହୁ ନ ଥିବାରୁ ସେ ମଞ୍ଚରେ ନ ବସି ତଳେ ବସିବା ପାଇଁ ସ୍ଥିର କରିଛନ୍ତି ବୋଲି କହିଥିଲେ। ପରେ ବିଧାୟକ ତଥା ବରିଷ୍ଠ ସମିତି ସଭ୍ୟ, ବି.ଡି.ଓ ପ୍ରମୁଖଙ୍କ ବୁଝାଶୁଝା ପରେ ସେ ମଞ୍ଚାସୀନ ହୋଇଥିଲେ। ସମସ୍ତ ୧୬ ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ବୈଠକରେ ଯୋଗ ଦେଇଥିଲେ। ବ୍ଲକସ୍ତରୀୟ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଫିସରମାନେ ଉପସ୍ଥିତ ରହି ନିଜନିଜ ବିଭାଗର ଅଗ୍ରଗତି ତଥା ବିଭିନ୍ନ ପଞ୍ଚାୟତରେ ଥିବା ଅସୁବିଧା ସମ୍ବନ୍ଧରେ ଆଲୋକପାତ କରିଥିଲେ। ତେବେ ଜଙ୍ଗଲ, ଉଦ୍ୟାନ, ଜଳସେଚନ ଆଦି କେତେକ ବିଭାଗର ଅଧିକାରୀ ଅନୁପସ୍ଥିତ ରହୁଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବି.ଡି.ଓ.ଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# 'କଠିନ ପରିଶ୍ରମ ଶୀର୍ଷରେ ପହଞ୍ଚାଇ ଥାଏ'


ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ଝାରପୋଖରିଆ,୭।୨(ଡି.ଏନ୍.ଏ.):** ସାରସକଣା ବ୍ଲକ୍ ଅଧୀନ ଶୀର୍ଷା ସରକାରୀ ଉଚ୍ଚବିଦ୍ୟାଳୟର ୬୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭରତ ଚନ୍ଦ୍ର ମହାନ୍ତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ହରିହର ଦାସ, ମୁଖ୍ୟବକ୍ତା ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲର ଶିକ୍ଷକ ଶଶିଧର ବିଶ୍ୱାଳ ଓ ସମ୍ମାନନୀୟ ଅତିଥି ଭାବେ ଜିଲା ପରିବେଶ ସମିତିର ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି ଯୋଗଦେଇ ଶିକ୍ଷା, ଶୃଙ୍ଖଳା ଓ କଠିନ ପରିଶ୍ରମ ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ପାଇଁ ଶୀର୍ଷ ସ୍ଥାନରେ ପହଞ୍ଚିବାର ଏକ ମାଧ୍ୟମ। ଛାତ୍ରୀଛାତ୍ର ଉକ୍ତ ମାର୍ଗ ଅନୁସରଣ କରି ପରିଚାଳିତ ହେବା ପାଇଁ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିଷ୍ଣୁପ୍ରିୟା ବେହେରା, ୫୬ନଂ ଜୋନ୍ ଜିଲାପରିଷଦ ସଦସ୍ୟ ଭୁବନେଶ୍ୱର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ଉତ୍ସବକୁ ଶିକ୍ଷକ ରଞ୍ଜନ କୁମାର ମହାପାତ୍ର, ଦୀପକ ସେଠୀ, ବିନୋଦ ମୁଣ୍ଡା ପରିଚାଳନା କରିଥିବା ବେଳେ ଶିକ୍ଷକ ଗୋବିନ୍ଦ ମାହାଲି ଅତିଥି ପରିଚୟ ପ୍ରଦାନ କରିଥିଲେ। ରଞ୍ଜନ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଗୁଡ଼ିକୁ ଶିକ୍ଷୟିତ୍ରୀ ବିନୟ ଭାରତୀ ଟିପରିଆ, ମିତାଲୀ ଦ୍ୱିବେଦୀ, ସବିତା ମାର୍ଣ୍ଡି ପ୍ରମୁଖ ସଞ୍ଚାଳନ କରିଥିଲେ।

# ବିପଦପୂର୍ଣ୍ଣ ଗୃହରେ କର୍ମଚାରୀ

**କୁଆମରା,୭।୨(ଡ଼ି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଉପଖଣ୍ଡର ସର୍ବ ପୁରାତନ ଖୁଣ୍ଟା ଥାନା ଅସୁରକ୍ଷିତ ହୋଇ ପଡ଼ିଛି। ରାଜରାଜୁଡା ସମୟରୁ ୧୯୧୮ରେ ପ୍ରତିଷ୍ଠିତ ଏହି ଥାନା ଉପରେ ଗୋପବନ୍ଧୁ ନଗର ଓ ଖୁଣ୍ଟା ବ୍ଲକର ମୋଟ ୨୭ଟି ପଞ୍ଚାୟତର ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ନିର୍ଭର କରିଥାନ୍ତି। ଥାନାଠାରୁ ବ୍ଲକର ଶେଷ ସୀମା ୪୦ କି.ମି. ଦୂର। ଥାନା ଅଧୀନରେ କୁଆମରା ଓ ଡୁକୁରା ଫାଣ୍ଡି ରହିଛି। ୨୦୦୮ଠାରୁ

**ଅସୁରକ୍ଷିତ ଖୁଣ୍ଟା ଥାନା**

କ୍ରମାଗତ ଭାବେ ପ୍ରତିବର୍ଷ ଅପରାଧ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେବେ ୨୦୧୯ରେ ୧୬୦ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଥିବାବେଳେ ୬୫ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ୨ଟି ବ୍ଲକ ପାଇଁ ଗୋଟିଏ ମାତ୍ର ଥାନା କାର୍ଯ୍ୟ କରୁଥିବାବେଳେ ଆଇଆଇସି ଓ ୨ ସବ୍ ଇନ୍ସପେକ୍ଟର ପଦବୀ ରହିଛି। ଥାନାରେ ୪ ଏସଆଇ ପଦବୀ ଥିବାବେଳେ ଏବେ ୩ଟି ପଦ ଦୀର୍ଘଦିନ ହେଲା ଖାଲି ପଡ଼ିଛି। ସେହିପରି ଗୁରୁତ୍ୱପୂର୍ଣ୍ଣ କ୍ରାଇମ ହାବିଲଦାର ପଦବୀ ଥିବାବେଳେ ତାହା ମଧ୍ୟ ଶୂନ୍ୟ ପଡ଼ିଛି। ଥାନା ପାଇଁ ୨ଟି ଗାଡ଼ି ବ୍ୟବସ୍ଥା ଥିବାବେଳେ ଦୀର୍ଘଦିନ ଧରି ଗୋଟିଏ ଗାଡ଼ିରେ କାମ ଚାଲିଛି। ସୁରକ୍ଷା ପାଇଁ ଥାନା ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ହୋଇପାରି ନାହିଁ। କର୍ମଚାରୀଙ୍କ ରହିବା ପାଇଁ କ୍ୱାର୍ଟର୍ସ ନାହିଁ। ଫଳରେ ଦୀର୍ଘ ବର୍ଷ ତଳେ ନିର୍ମିତ ପୁରୁଣା କୋଠାରେ କର୍ମଚାରୀମାନେ ଅସୁରକ୍ଷିତ ଭାବେ ରହୁଛନ୍ତି। ଏହି ପୁରୁଣା କୋଠାର ଛାତ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାବେଳେ ଅଧିକାଂଶ ସମୟରେ ସେଥିରୁ ରଡ୍ ଓ କଂକ୍ରିଟ ଖଣ୍ଡ ଖସୁଛି। ସେହିପରି ଏହି ଥାନା ଅଧୀନରେ ପରିଚାଳିତ କୁଆମରା ଫାଣ୍ଡିରେ ୬ମାସ ହେଲା ଅଧିକାରୀ ନାହାଁନ୍ତି। ୬ ଜଣ କନଷ୍ଟେବଲ ପଦବୀରୁ ଏବେ ୩ଜଣଙ୍କ ଦ୍ୱାରା କାର୍ଯ୍ୟ ଚାଲିଛି। କୌଣସି ଛୋଟ ବଡ଼ ମାମଲା ପାଇଁ ଲୋକଙ୍କୁ ୩୦/୪୦ କି.ମି ଦୂର ଥାନାକୁ ଯିବାକୁ ପଡୁଛି। ସେହିପରି ଡୁକୁରା ଫାଣ୍ଡିରେ ମଧ୍ୟ କନଷ୍ଟେବଳ ପଦ ଖାଲିପଡିଛି। କର୍ମଚାରୀ ଅଭାବରୁ ଅଞ୍ଚଳରେ ଦିନକୁ ଦିନ ଚୋରି, ରାହାଜାନି, ଅପରାଧ ସଂଖ୍ୟା ବୃଦ୍ଧି ପାଉଛି। ଯେଉଁଠି ଥାନା ଏବଂ ପୋଲିସ କର୍ମଚାରୀ ସୁରକ୍ଷିତ ନୁହଁନ୍ତି ସେଠାରେ ଆଇନ ଶୃଙ୍ଖଳା ଓ ସାଧାରଣ ଲୋକେ କିପରି ସୁରକ୍ଷିତ ରହିବେ ତାହା ସ୍ପଷ୍ଟ ଅନୁମେୟ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।




ଖୁଣ୍ଟା ଥାନା ଓ ଅସୁରକ୍ଷିତ ହୋଇ ପଡ଼ିଥିବା ପୁରୁଣା ଥାନା ଗୃହ।

# ଗଣିତ (MATHEMATICS)

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ...

**କିମ୍ବା,** ଦତ୍ତ : ABC ବୃତ୍ତରେ O କେନ୍ଦ୍ର ଏବଂ $\overset{\frown}{AXB}$ ଓ $\overset{\frown}{CYD}$ ଦୁଇଟି ସର୍ବସମ କ୍ଷୁଦ୍ର ଚାପ ।




$\overline{AB}$ ଓ $\overline{CD}$ ଚାପଦ୍ୱୟର ସମ୍ପୃକ୍ତ ଜ୍ୟା

(ଯଦି $\overset{\frown}{AXB}$ ଓ $\overset{\frown}{CYD}$ ଦୁଇଟି ସର୍ବସମ ବୃହତ୍ ଚାପ ହୁଅନ୍ତି
ତେବେ ସେମାନଙ୍କର ବିପରୀତ ଚାପଦ୍ୱୟ ସର୍ବସମ କ୍ଷୁଦ୍ରଚାପ ହେବେ ।
ସୁତରାଂ କେବଳ କ୍ଷୁଦ୍ର ଚାପ ପାଇଁ ପ୍ରମାଣ ଯଥେଷ୍ଟ ।)

ପ୍ରାମାଣ୍ୟ : $\overline{AB} \cong \overline{CD}$

ଅଙ୍କନ : $\overline{OA}$, $\overline{OB}$, $\overline{OC}$ ଏବଂ $\overline{OD}$ ଅଙ୍କନ କର ।

ପ୍ରମାଣ : $\Delta OAB$ ଏବଂ $\Delta OCD$ ମଧ୍ୟରେ $OA = OC$, $OB = OD$ (ଏକା ବୃତ୍ତର ବ୍ୟାସାର୍ଦ୍ଧ)

$m\angle AOB = m\angle COD$

($\because$ $\overset{\frown}{AXB} \cong \overset{\frown}{CYD}$ ହେତୁ ସେମାନଙ୍କର ଡ଼ିଗ୍ରୀ ପରିମାପ ସମାନ)

ଅତଏବ $\Delta OAB \cong \Delta OCD$ (ବାହୁ - କୋଣ - ବାହୁ ସର୍ବସମତା)

$\Rightarrow AB = CD \quad \Rightarrow \overline{AB} \cong \overline{CD}$ (ପ୍ରମାଣିତ)

(ii) $\cos 70^0 + \cos 50^0 = \sin 80^0$

ବାମପକ୍ଷ $= \cos(60^0 + 10^0) + \cos(60^0 - 10^0)$
$= 2\cos 60^0 . \cos 10^0$
$= 2 \times \frac{1}{2} . \cos(90^0 - 80^0) = \sin 80^0$
= ଦକ୍ଷିଣପକ୍ଷ (ପ୍ରମାଣିତ)

**କିମ୍ବା,** ଦୁର୍ଗର ଉଚ୍ଚତା 30 ମି.
ଦୁର୍ଗର ପାଦ ଦେଶ ସହ ଏକ ସମତଳରେ ଅବସ୍ଥିତ D ଓ C ବିନ୍ଦୁରୁ A ର କୌଣିକ ଉନ୍ନତିର ପରିମାଣ ଯଥାକ୍ରମେ $30^0$ ଏବଂ $45^0$ ।




ମନେକର CD = x ମିଟର

$\Delta ACB$ ରେ $\tan 45^0 = \frac{AB}{CB} \Rightarrow 1 = \frac{30}{CB}$

$\Rightarrow CB = 30$ ମି.

$\Delta ADB$ ରେ $\tan 30^0$

$= \frac{AB}{DB} \Rightarrow \frac{1}{\sqrt{3}} = \frac{AB}{DC+CB} \Rightarrow \frac{1}{\sqrt{3}} = \frac{30}{x+30}$

$\Rightarrow 30\sqrt{3} = x + 30 \Rightarrow 30 \times 1.732 - 30 = x$

$\Rightarrow x = 51.96 - 30 = 21.96$ ମି.

$\therefore$ ବିନ୍ଦୁଦ୍ୱୟ ମଧ୍ୟରେ ବ୍ୟବଧାନ 21.96 ମି.

15.(i) ମନେକର ବୃତ୍ତକଳାର ବ୍ୟାସାର୍ଦ୍ଧ = r ମି.
ବୃତ୍ତକଳାର ଚାପର ଦୈର୍ଘ୍ୟ(L) = 22 ମି.

$\therefore$ ବୃତ୍ତକଳାର କ୍ଷେତ୍ରଫଳ $= \frac{1}{2} \times Lr$.

$\Rightarrow 231 = \frac{1}{2} \times 22 \times r \Rightarrow r = \frac{231 \times 2}{22} = 21$ ମି.

ମନେକର ବୃତ୍ତକଳାର ଚାପର ଡିଗ୍ରୀ ପରିମାପ $= \theta^0$

ଚାପର ଦୈର୍ଘ୍ୟ (L) $= \frac{\theta}{180^0} \times \pi r$

$\Rightarrow 22 = \frac{\theta}{180^0} \times \frac{22}{7} \times 21$

$\Rightarrow \theta = \frac{22 \times 180 \times 7}{22 \times 21} = 60$

$\therefore$ ବୃତ୍ତକଳାର ଚାପର ଡିଗ୍ରୀ ପରିମାପ $60^0$ ।

**କିମ୍ବା,** ଅର୍ଦ୍ଧବୃତ୍ତାକାର ଜମିର ବ୍ୟାସାର୍ଦ୍ଧ r ମିଟର ହେଲେ ଏହାର ପରିସୀମା $= (\pi r + 2r)$ ମିଟର

ପ୍ରଶ୍ନାନୁସାରେ $\pi r + 2r = 252$

$\Rightarrow r(\frac{22}{7} + 2) = 252$

$\Rightarrow r \times \frac{36}{7} = 252 \Rightarrow r = \frac{252 \times 7}{36} = 49$ ମି.

ଅର୍ଦ୍ଧବୃତ୍ତାକାର କ୍ଷେତ୍ରର କ୍ଷେତ୍ରଫଳ $= \frac{1}{2} \times \pi r^2$

$= \frac{1}{2} \times \frac{22}{7} \times 49 \times 49 = 3773$ ବ.ମି.

(ii) ମନେକର ସିଲିଣ୍ଡରର ଭୂମିର ବ୍ୟାସାର୍ଦ୍ଧ = r ଡେ.ମି.,

$\therefore$ ବ୍ୟାସ = 2r ଡେ.ମି. ଓ ଉଚ୍ଚତା (h) $= 2 \times 2r$ = 4r ଡେ.ମି.

ସିଲିଣ୍ଡରର ଆୟତନ $= \pi r^2 h$

$= \frac{22}{7} \times r^2 \times 4r = \frac{88}{7} r^3$ ଘ. ଡେ.ମି.

ପ୍ରଶ୍ନାନୁସାରେ, $\frac{88}{7} r^3 = 539$

$\Rightarrow r^3 = \frac{539 \times 7}{88} = \frac{343}{8} \Rightarrow r = \sqrt[3]{\frac{343}{8}} = \frac{7}{2}$ ଡେ.ମି.

ଉଚ୍ଚତା (h) $= 4r = 4 \times \frac{7}{2} = 14$ ଡେ.ମି.

$\therefore$ ସିଲିଣ୍ଡରର ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ

$= 2\pi r(h + r) = 2 \times \frac{22}{7} \times \frac{7}{2}\left(14 + \frac{7}{2}\right)$

$= 22\left(\frac{28+7}{2}\right) = 11 \times 35 = 385$ ବର୍ଗ ଡେ.ମି.

**କିମ୍ବା,** ତ୍ରିଭୁଜର ବାହୁତ୍ରୟର ଦୈର୍ଘ୍ୟ 5 ମି., 5 ମି., ଓ 6 ମି. ।

ତ୍ରିଭୁଜର ଅର୍ଦ୍ଧପରିସୀମା = s

$= \frac{a+b+c}{2} = \frac{5+5+6}{2} = 8$ ମି.

$\Delta$ ର କ୍ଷେତ୍ରଫଳ $= \sqrt{s(s-a)(s-b)(s-c)}$

$= \sqrt{8(8-5)(8-5)(8-6)}$

$= \sqrt{8 \times 3 \times 3 \times 2} = 12$ ବର୍ଗ ମି.

$\Delta$ ର ପରିସୀମା = (5+5+6) ମି. = 16 ମି.

$\therefore$ ପ୍ରିଜିମ୍‌ର ପାର୍ଶ୍ୱପୃଷ୍ଠତଳର କ୍ଷେତ୍ରଫଳ

$= \Delta$ ର ପରିସୀମା $\times$ ଉଚ୍ଚତା $= 16 \times 8$

= 128 ବର୍ଗ ମି.

ଏବଂ ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ

$= \Delta$ ର ପରିସୀମା $\times$ ଉଚ୍ଚତା $+ 2 \times \Delta$ ର କ୍ଷେତ୍ରଫଳ

$= 16 \times 8 + 2 \times 12 = 128 + 24 = 152$ ବର୍ଗ ମି.

❑●❑

# ୧୧୭ କେନ୍ଦ୍ରରେ ୨୩,୫୬୩ ମାଟ୍ରିକ ପରୀକ୍ଷାର୍ଥୀ

**ଭଦ୍ରକ ଅଫିସ, ୭।୨**

**■ଜଗିବ ସିସି କ୍ୟାମେରା**
**■ଫ୍ଲାଇଂସ୍କ୍ୱାଡ୍ ସାଙ୍ଗକୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

ଚଳିତବର୍ଷ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବ। ପରୀକ୍ଷାକୁ କପିମୁକ୍ତ ଓ ଶୃଙ୍ଖଳାର ସହିତ ପରିଚାଳନା କରିବା ପାଇଁ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ସେଥିପାଇଁ ପରୀକ୍ଷା ପୂର୍ବରୁ ନୋଡାଲ କୋଶ୍ଚେନ୍ ହବ୍‌ରେ ପ୍ରଶ୍ନପତ୍ର ପହଞ୍ଚିବା ସହ ଠିକ୍ ସମୟରେ ପରୀକ୍ଷାର୍ଥୀଙ୍କ ପାଖରେ ପହଞ୍ଚାଇବା ପାଇଁ ଡେସପାଚ୍ ଟିମ୍ ଗଠନ କରାଯାଇଛି। ସେହିଭଳି କପିମୁକ୍ତ ଓ ଶୃଙ୍ଖଳା ପାଇଁ ପୋଲିସ ସହାୟତାରେ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ଗଠନ କରାଯାଇଛି। ସିସିଟିଭି ଲଗାଯିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହେବ। ଭଦ୍ରକ ଜିଲାର ୭ଟି ବ୍ଲକରେ ମୋଟ ୧୧୭ ପରୀକ୍ଷା କେନ୍ଦ୍ରରେ ମୋଟ ୨୩, ୫୬୩ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ କହିଛନ୍ତି।

ଜିଲାରେ ୨୨,୩୩୩ ଜଣ ରେଗୁଲାର ପରୀକ୍ଷାର୍ଥୀ ଥିବାବେଳେ ମଧ୍ୟମା ସଂସ୍କୃତରେ ୨୩୧, ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀ ଭାବେ ୨୧୨ ଜଣ ମାଟ୍ରିକ ପରୀକ୍ଷା ଦେବେ। ପ୍ରଶ୍ନପତ୍ର ରଖିବା ପାଇଁ ମୋଟ ୧୧ଟି ନୋଡାଲ କୋଶ୍ଚେନ୍ ହବ୍ ପ୍ରସ୍ତୁତ ହୋଇଛି। ପ୍ରଶ୍ନୋତ୍ତର ନେବା ଆଣିବା ଲାଗି ୨୩ଟି ଡେସ୍‌ପାଚ୍ ଟିମ୍ ସହ କପି ଓ ଅପରାଧ ରୋକିବା ପାଇଁ ୩ଟି ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ଗଠନ କରାଯାଇଛି। ଭଦ୍ରକ ବ୍ଲକର ୨୧କେନ୍ଦ୍ରରେ ରେଗୁଲାର ଓ ଏକ୍ସ ରେଗୁଲାର ମିଶାଇ ୪୩୬୦ ପରୀକ୍ଷାର୍ଥୀ, ବାସୁଦେବପୁରରେ ୨୨ କେନ୍ଦ୍ରରେ ୪୪୭୬, ଭଣ୍ଡାରିପୋଖରୀରେ ୯ଟି କେନ୍ଦ୍ରରେ ୧୬୦୦, ବନ୍ତରେ ୧୩ଟି କେନ୍ଦ୍ରରେ ୨୫୧୩, ଚାନ୍ଦବାଲିରେ ୧୯ଟି କେନ୍ଦ୍ରରେ ୪୦୬୮, ଧାମନଗରରେ ୧୯ କେନ୍ଦ୍ରରେ ୩୪୪୪ ଏବଂ ତିହିଡ଼ି ବ୍ଲକରେ ୧୪ କେନ୍ଦ୍ରରେ ୩୧୦୨ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ମୋଟ ୧୧୭ଟି କେନ୍ଦ୍ରରେ ରେଗୁଲାର ୨୨୩୩୩ ଓ ଏକ୍ସରେଗୁଲାର ୧୨୩୦ଜଣ ପରୀକ୍ଷାର୍ଥୀ ଅଛନ୍ତି। ପରୀକ୍ଷାକୁ କପିମୁକ୍ତ କରିବା ପାଇଁ ଜିଲାରେ ଚଳିତବର୍ଷ ୩୫ଟି ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲଗାଯାଉଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ବନ୍ତରେ ରୁରାଲ ହାଉସିଂ ପରାମର୍ଶଦାତା



ରାଜ୍ୟ ଅଧିକାରୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟ ତଦାରଖ।

**ବନ୍ତ,୭।୨(ଡି.ଏନ.ଏ.)**

**ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କାର୍ଯ୍ୟ ବୁଲି ଦେଖିଲେ**

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଆର୍.ଏଚ୍(ରୁରାଲ ହାଉସିଂ) ପରାମର୍ଶଦାତା ନିରଞ୍ଜନ ବେହେରା ଶୁକ୍ରବାର ବନ୍ତ ବ୍ଲକ ପରିଦର୍ଶନ କରିଛନ୍ତି। ବିଭିନ୍ନ ପଞ୍ଚାୟତରେ ସେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ ହିତାଧିକାରୀଙ୍କୁ ଭେଟି ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ଗୃହ ନିର୍ମାଣ କାର୍ଯ୍ୟ ଠିକ୍ ଭାବେ ହେଉଛି କି ନାହିଁ, ନିର୍ମାଣ ବେଳେ ପିଇଓମାନେ ହିତାଧିକାରୀଙ୍କ ପାଖରେ ପହଞ୍ଚୁଛନ୍ତି କି ନାହିଁ, ନିର୍ମାଣ ସାମଗ୍ରୀର ମାନ ଠିକ୍ ରହିଛି କି ନାହିଁ, ହିତାଧିକାରୀମାନେ ଠିକ୍ ସମୟରେ ବିଲ୍ ପାଉଛନ୍ତି କି ନାହିଁ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହିତାଧିକାରୀମାନଙ୍କୁ ପ୍ରାପ୍ୟ ମିଳୁଛି କି ନାହିଁ ଏହିଭଳି ବିଭିନ୍ନ ସମ୍ପର୍କରେ ସେ ପଚାରି ବୁଝିଥିଲେ। ଟିଲୋ ପଞ୍ଚାୟତରେ ଶାଳକଣିଆ, ଧୋବତଳିଆ, ଟିଲୋ ଆଦି ଗ୍ରାମର ୬ ହିତାଧିକାରୀଙ୍କୁ ସେ ଭେଟିବା ସହ ଗୃହ ନିର୍ମାଣ କାର୍ଯ୍ୟ ଦେଖିଥିଲେ। ସେହିପରି ନିଳୋକ ପଞ୍ଚାୟତର ନିଳୋକ, ବେଗନା ଆଦି ଗ୍ରାମ ସମେତ ବନ୍ତ, ଛୟାଳସିଂ ଆଦି ପଞ୍ଚାୟତ ପରିଦର୍ଶନ କରି ତଦାରଖ କରିଥିଲେ। ଭଦ୍ରକ ଡିଆର୍‌ଡିଏର ଜିଲା ସାମାଜିକ ସମୀକ୍ଷକ ଅମର ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁଦତ୍ତ ପାତ୍ର, ପ୍ରଫୁଲ୍ଲ କୁମାର ପଣ୍ଡା, ନାରାୟଣ ପଣ୍ଡା ଓ ଅଲେଖ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ।

# ରାଲି ପାଇଁ ମିଳିଲାନି ଅନୁମତି



ଖବରଦାତା ସମ୍ମିଳନୀରେ ନାଗରିକ ଅଧିକାର ସଙ୍ଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।

**ଧାମନଗର,୭।୨(ଡି.ଏନ.ଏ.)**

**ନାଗରିକ ଅଧିକାର ସଙ୍ଗଠନର ପ୍ରତିବାଦ**

ଧାମନଗର ନାଗରିକ ଅଧିକାର ସଙ୍ଗଠନ ପକ୍ଷରୁ ସିଏଏ ବିରୋଧରେ ରାଲି ଏବଂ ସଭା ସକାଶେ ପ୍ରଶାସନ ପକ୍ଷରୁ ଅନୁମତି ନ ମିଳିବାରୁ ଏହାକୁ ବିରୋଧ କରାଯାଇଛି। ଶୁକ୍ରବାର ଧାମନଗରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନ ଏହାର ପ୍ରତିବାଦ କରିଛି। ଗଣତନ୍ତ୍ର ବ୍ୟବସ୍ଥାକୁ ହତ୍ୟା କରାଯାଇଛି ବୋଲି କୁହାଯାଇଛି। ନାଗରିକ ଅଧିକାର ସଙ୍ଗଠନ ପକ୍ଷରୁ ରାଲି, ଧାମନଗରର ବିଭିନ୍ନ ମୁସ୍‌ଲିମ ସଙ୍ଗଠନ ଓ ଜିଲା ସିପିଆଇ ତରଫରୁ ପ୍ରତିବାଦ ସଭା ଲାଗି ଧାମନଗର ପୋଲିସ ଏବଂ ଜିଲା ପ୍ରଶାସନକୁ ଅନୁମତି ପାଇଁ ଆବେଦନ କରାଯାଇଥିଲା। ଜିଲା ପ୍ରଶାସନ ବିଭିନ୍ନ କାରଣ ଦର୍ଶାଇ ଅନୁମତି ଦେଇ ନ ଥିବା ଅଭିଯୋଗ ହୋଇଛି।

ଏମ୍‌ଡି ଫକରିଉଦ୍ଦିନଙ୍କ ଅଧ୍ୟକ୍ଷତାରେ ସିପିଆଇ ନେତା ଚନ୍ଦ୍ରଶେଖର ନାୟକ ଯୋଗଦେଇ କହିଥିଲେ, ପ୍ରଶାସନ ପିଲାମାନଙ୍କ ପରୀକ୍ଷା ଆଳ ଦେଖାଇ ଅନୁମତି ଦେଇନାହିଁ। ମାତ୍ର ଶବ୍ଦ ପ୍ରଦୂଷଣକୁ ରୋକା ନ ଯାଇ ଦୈନନ୍ଦିନ ବିଭିନ୍ନ କାର୍ଯ୍ୟକ୍ରମରେ ଡିଜେ, ମ୍ୟୁଜିକ ସାଉଣ୍ଡ ବ୍ୟବହାର ଯୋଗୁ ପରୀକ୍ଷାର୍ଥୀମାନେ ମାନସିକ ନିର୍ଯାତନା ପାଉଛନ୍ତି। ସିପିଆଇ ନେତା ଦିବ୍ୟସିଂହ ନାୟକ ରାଜ୍ୟ ସରକାର ସିଏଏକୁ ଲୋକସଭାରେ ସମର୍ଥନ କରିଥିବା ବେଳେ ରାଜ୍ୟବାସୀଙ୍କ ପାଖରେ ସ୍ପଷ୍ଟ ମତାମତ ନାହିଁ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସିପିଆଇ ନେତା ସନ୍ତୋଷ ଦାସ ଯୋଗଦେଇ ସିଏଏ ଓ ଏନଆର୍‌ସିକୁ ବିରୋଧ କରିଥିଲେ। ଏହି ଆଇନକୁ ତୁରନ୍ତ ଫେରାଇ ନିଆଯାଉ ବୋଲି ସେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଡି ଅମାନୁଲ୍ଲା, ସେକ୍ ରୁସ୍ତାମ, ଏମ୍‌ଡି ମଂଜୁରୁଲ ହକଙ୍କ ସମେତ ସଙ୍ଗଠନର ସଦସ୍ୟମାନେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଗଣିତ ମେଳା

**ଭଦ୍ରକ ଅଫିସ, ୭।୨**

ଭଦ୍ରକ ବ୍ଲକ ରାହାଞ୍ଜ ପଞ୍ଚାୟତ ଅସୁରା ଗ୍ରାମର ତିଶଳପୁର ବିଦ୍ୟାଳୟରେ ଶୁକ୍ରବାର ୟୁଥ୍ ଓ ଇକୋ କ୍ଲବ ପକ୍ଷରୁ ଗଣିତ ମେଳା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ୯୦ ଛାତ୍ରୀଛାତ୍ର ମାନସାଙ୍କ ମଞ୍ଚ, କୁହୁକ ଗଣିତ ମଞ୍ଚ, ଗଣିତ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ, ପ୍ରଦର୍ଶନୀ, ଅଙ୍କକଷା, ଦୌଡ଼ ଓ ରାମାନୁଜଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଖୁରନବାଳା ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଗଣିତମେଳାରେ ସାମାଜିକ କର୍ମୀ ମଦନମୋହନ ପରିଡ଼ା ମୁଖ୍ୟଅତିଥି, ବିଶିଷ୍ଟ ଶିକ୍ଷାବିତ୍ ଗଜେନ୍ଦ୍ର ପ୍ରସାଦ ନାୟକ ଅନ୍ୟତମ ଅତିଥି ଓ ତିଶଳପୁର ସାଧନକେନ୍ଦ୍ର ସଂଯୋଜକ ପ୍ରଶାନ୍ତ ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ୧ମରୁ ୮ମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖି ମୂଲ୍ୟାୟନ କରିଥିଲେ। ବିଜୟ ଶୁକ୍ଳ, ପ୍ରଣତି ମଲ୍ଲିକ, ସୁରେନ୍ଦ୍ର ପଲାଇ, ଗୌରୀମଣି ମାରାଣ୍ଡି, ମୀରାଲକ୍ଷ୍ମୀ ମହାନ୍ତି, ନିରୁପମା ପଣ୍ଡା, ଦୀପକ ନାଏକ, ମନୋଜ ଦାସ, ନିରଞ୍ଜନ ମହାପାତ୍ର ଓ ବଟକୃଷ୍ଣ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ‘ଠିକ୍ ମାର୍ଗରେ ପରିଚାଳିତ ହୁଅ’

**ବନ୍ତ,୭।୨(ଡି.ଏନ.ଏ.)**

ବନ୍ତ ବ୍ଲକ କାଦବରାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହରେକୃଷ୍ଣ ପୃଷ୍ଟି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ଲକ୍ଷ୍ମୀପ୍ରିୟା ଭାରତୀ, ମୁଖ୍ୟବକ୍ତା ପ୍ରଫେସର ରାଜକିଶୋର ସାହୁ, ସମ୍ମାନିତ ଅତିଥି ଭାବେ ହଳଧର ରାଉତ, ଅଗଣି ଚରଣ ଜେନା, ଭିକାରୀ ଚରଣ ଦାସ, ସ୍ୱୟଂପ୍ରଭା ଆରଣ, ପ୍ରାଚୀସ୍ମିତା ସାମନ୍ତରାୟ, ମନୋଜ ରାଉଳ, ସୁବଳକାନ୍ତ ପଣ୍ଡା ଓ ଭଗବାନ ଗିରି ଯୋଗ ଦେଇଥିଲେ। ଠିକ୍ ମାର୍ଗରେ ପରିଚାଳିତ ହେଲେ ଜୀବନରେ ଭଲମଣିଷ ହୋଇପାରିବ ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଭାସ୍କର ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷୟିତ୍ରୀ ଲିଲି ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଭଗବାନ ପୁରୀ, ଗୋପୀନାଥ ପୁହାଣ, ନିରଞ୍ଜନ ପଲେଇ, ସୁକାନ୍ତ ସିଂ, ଭାସ୍ୱତୀ ଜେନା, ଅନୁରାଧା ପାଣିଗ୍ରାହୀ, ସଙ୍ଗୀତା ବେହେରା, ଲୋପାମୁଦ୍ରା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ସଂକ୍ଷେପରେ

### ପାଲାଗାୟକ ସମ୍ବର୍ଦ୍ଧିତ

**ଭଣ୍ଡାରିପୋଖରୀ,୭।୨(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ସରସଦା ଭାଗବତ ଟୁଙ୍ଗୀ ପରିସରରେ ଅନୁଷ୍ଠିତ ୩୪ତମ ବାର୍ଷିକ ପାରାୟଣ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ପାଲାଗାୟକ ନିଗମାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବିତ୍ ନଟବର ରାଉଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଶିକ୍ଷକ, ପାଲାଗାୟକ ବିଶ୍ୱମ୍ଭର ନାଥ, ଭାଗବତ ଟୁଙ୍ଗୀ ପରିଷଦର ଉପସଭାପତି ଉମାକାନ୍ତ ପାତ୍ର, ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପାଲା ଧର୍ମ ଓ ସଂସ୍କୃତିର ପ୍ରକୃତ ପ୍ରତିଛବି ବୋଲି କହିଥିଲେ। ଅତିଥିମାନେ ପାଲାଗାୟକ ନିଗମାନନ୍ଦଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ବିକ୍ରମ ମହାରଣା ପ୍ରବଚନ ଦେଇଥିଲେ। ଶଶିଭୂଷଣ ସାହୁ, ରବୀନ୍ଦ୍ରନାଥ ସ୍ୱାଇଁ, ରବୀନ୍ଦ୍ର ଷେଣ୍ଢ, ମୁରଲୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

**ଭଣ୍ଡାରିପୋଖରୀ,୭।୨(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ବଜାର ଶ୍ରୀରାମ ଦୟା ପରିଷଦ ଆନୁକୂଲ୍ୟରେ ଶ୍ରୀରାମ ମନ୍ଦିର ସମ୍ମୁଖରେ ୨୨ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ୟାସ ବଳରାମ ଦାଶ ଓ ଆଚାର୍ଯ୍ୟ ପ୍ରଫୁଲ୍ଲ ଉପାଧ୍ୟାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତା ରବିବାର ପୂର୍ଣ୍ଣାହୁତି ହୋଇ ସମାପନ ହେବ। ପ୍ରତ୍ୟହ ସନ୍ଧ୍ୟାରେ ହନୁମାନ ଚାଳିଶା ପଠନ ଓ ପ୍ରବଚନ ପଣ୍ଡିତ ବୀରେନ୍ଦ୍ର ଶତପଥୀ, ସରୋଜିନୀ ଦେବୀ, କୈଳାସ ଚନ୍ଦ୍ର ପଣ୍ଡା ପ୍ରଦାନ କରୁଛନ୍ତି। ପରିଷଦର କର୍ମକର୍ତ୍ତା ଡା. ନିରଞ୍ଜନ ଓଝା, ପ୍ରେମାନନ୍ଦ ନାୟକ, ପୁରୁଷୋତ୍ତମ ରାଉତ, ନାରାୟଣ ଚନ୍ଦ୍ର ଦ୍ୱିବେଦୀ, ପ୍ରଫୁଲ୍ଲ ସାହୁ, ପ୍ରସନ୍ନ ମହାପାତ୍ର, ମହେଶ୍ୱର ନନ୍ଦୀ, ଶ୍ରୀକାନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ପୁରୁଷୋତ୍ତମ ଧଳ, ବାରିକପୁର ବଜାରର ସମସ୍ତ ବ୍ୟବସାୟୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗ କରିଛନ୍ତି। କର୍ତ୍ତୀ ଶାନ୍ତାରାଣୀ ବେହେରା ଓ କର୍ତ୍ତା ସୁରେଶ ଚନ୍ଦ୍ର ବେହେରା ଦାୟିତ୍ୱ ତୁଲାଇଥିଲେ।

### ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଚାନ୍ଦବାଲି,୭।୨(ଡି.ଏନ.ଏ.):** ଚାନ୍ଦବାଲି ବ୍ଲକ ମତୋ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଶଶିକାନ୍ତ ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚାନ୍ଦବାଲି ବିଇଓ ପ୍ରଣୟ କୁମାର ନାୟକ ଓ ମୁଖ୍ୟବକ୍ତା ମତୋ ସ୍ନାତକ କଲେଜର ଅଧ୍ୟକ୍ଷ ବିଭୂତି ବିଶ୍ୱାଳ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିକ୍ଷାବିତ୍ ପଞ୍ଚାନନ ପଲାଇ, ଜୟକୃଷ୍ଣ ନାୟକ, ସୁଶାନ୍ତ କୁମାର ଦାଶ, ପ୍ରଭାତ ପାଣିଗ୍ରାହୀ, ଗିରିଧାରୀ ଭଳ, ଗୌରହରି ନାୟକ ଓ ରାଜକିଶୋର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟର ୪ ଛାତ୍ରୀଛାତ୍ରଙ୍କୁ ତପନ ସାମଲ ସ୍ମୃତି, ନିତ୍ୟାନନ୍ଦ ବଳ, ସଦାନନ୍ଦ ଦାଶ ଓ ଭାଗୀରଥି ନନ୍ଦ ସ୍ମୃତି ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ବିଦ୍ୟାର୍ଥୀ ଭାଷା ଓ ମାଟିର ମହତ୍ତ୍ୱ ବୁଝିବା ଜରୁରୀ

**ତିହିଡ଼ି,୭।୨(ଡି.ଏନ.ଏ.)**

ତିହିଡ଼ି ବ୍ଲକ ପାଳିଆବିନ୍ଧାସ୍ଥିତ ବିରଞ୍ଚିନାରାୟଣ ମାଧବ ଅର୍ଜୁନ କଲେଜର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ.ଅଜିଜୁର ରହେମାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ଛାତ୍ରସଂସଦ ଉପଦେଷ୍ଟା, ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ। ଉଦ୍‌ଘାଟକ ଭାବେ ବିଧାୟକ ତଥା ବିରୋଧୀଦଳ ଉପନେତା ବିଷ୍ଣୁ ସେଠୀ ଯୋଗଦେଇ ଭାଷା, ଜାତି ଓ ମାଟିର ମହତ୍ତ୍ୱକୁ ବୁଝି ଛାତ୍ରୀଛାତ୍ର ସମୟର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଏସ୍‌ପି ବିକାଶ ଚନ୍ଦ୍ର ଦାଶ ମୁଖ୍ୟଅତିଥି ଓ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ରସଂସଦ ଉପଦେଷ୍ଟା ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବାଗ୍ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ଓ ସାଂସ୍କୃତିକ ସଂସଦ ଉପସଭାପତି ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରସଂସଦ, ଯୁକ୍ତ ୨ ସାଂସ୍କୃତିକ ସଂସଦ ଓ ନାଟ୍ୟସଂସଦ ପକ୍ଷରୁ ଅଧ୍ୟାପକ ରାଜେନ୍ଦ୍ର ଭୁଏଁଙ୍କ ଓ ସଂସଦର କର୍ମକର୍ତ୍ତାଙ୍କ ସଞ୍ଚାଳନାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୩ର ଛାତ୍ରୀ ରୁଚିଲତା ବାରିକ ଓ ଯୁକ୍ତ ୨ର ସସ୍ମିତା ଗିରିଙ୍କୁ ଚଳିତ ଶିକ୍ଷାବର୍ଷ ପାଇଁ ସ୍ୱତନ୍ତ୍ର ଭାବେ ଲିଟେରାରୀ ଚାମ୍ପିୟନ ପୁରସ୍କାର ଦିଆଯାଇଥିଲା। ସାଂସ୍କୃତିକ ସଂସଦ ଉପସଭାପତି ଅଧ୍ୟାପକ ସରୋଜ ମହାପାତ୍ର ଧନ୍ୟବାଦ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ନରେନ୍ଦ୍ର ପରିଡ଼ାଙ୍କ ନଟରାଜ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଲୋକନାଟ୍ୟ ସଙ୍ଗୀତ ଚଢ଼େୟା-ଚଢ଼େୟାଣୀ, ଘୋଡ଼ାନାଚ, ବାରମାସୀ, ଚକୁଳିଆପଣ୍ଡା, ଯୋଗୀଗୀତ ଏବଂ ସଙ୍ଗୀତ ନିର୍ଦ୍ଦେଶକ ସୁବାସ ରାମ ଓ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ନରେନ୍ଦ୍ର ଓ ସୁବାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲାସ୍ତରୀୟ ଜୀବନ ଜୀବିକା କର୍ମଶାଳା


କର୍ମଶାଳାରେ ଯୋଗ ଦେଇଥିବା ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟ ଅଧିକାରୀମାନେ।

**ଭଦ୍ରକ ଅଫିସ,୭।୨**

ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ଓର୍‌ମାସ ପକ୍ଷରୁ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଓଡ଼ିଶା ଜୀବନ ଜୀବିକା ମିଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱୟଂସହାୟିକା ଗୋଷ୍ଠୀମାନେ ବଡ଼ି, ପାମ୍ପଡ଼, ଆଚାର ପ୍ରସ୍ତୁତିରେ ସୀମିତ ନ ରହି ବର୍ତ୍ତମାନ ବଜାରରେ ଚାହିଦା ମୁତାବକ ଦ୍ରବ୍ୟ ପ୍ରସ୍ତୁତ କରି ବିକ୍ରି କଲେ ସେମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବା ସହ ଅଧିକ ଅର୍ଥ ଉପାର୍ଜନ କରିପାରିବେ। କେତେକ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ମଧ୍ୟାହ୍ନ ଭୋଜନ ଖାଦ୍ୟ, ଛତୁଆ ପ୍ରସ୍ତୁତ ଏବଂ ମତ୍ସ୍ୟ ଓ ଉଦ୍ୟାନ ବିଭାଗ ସହିତ ସେମାନଙ୍କୁ ସାମିଲ କରି ଦକ୍ଷତା ବିକାଶ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତି ବ୍ଲକରେ ଜୀବନ ଜୀବିକା ବିଭାଗର ପ୍ରକଳ୍ପ ମ୍ୟାନେଜର ଚଳିତମାସ ବ୍ଲକସ୍ତରୀୟ କର୍ମଶାଳା ଆୟୋଜନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ବିକ୍ରି କରିବା ପାଇଁ ଏକ ସ୍ୱୟଂସହାୟକ ହାଟ କରାଯିବା ନିମନ୍ତେ ସ୍ଥାନ ନିରୂପଣ ଲାଗି ଜିଲାପାଳ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଥିଲେ।

ଅନ୍ୟତମ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ନାବାର୍ଡର ଜିଲା ଉନ୍ନୟନ ପରିଚାଳକ ପି.କେ. ବେହେରା, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଜି.ପି.ରାୟ, ଜିଲା ମତ୍ସ୍ୟ ଅଧିକାରୀ ସନ୍ତୋଷ ଦଳେଇ, କୃଷି ବିଜ୍ଞାନକେନ୍ଦ୍ରର ବୈଜ୍ଞାନିକ ଡ. ଅରବିନ୍ଦ ଦାସ ଏବଂ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଉର୍ମିଳା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ଜୀବନ ଜୀବିକା ମିଶନର ଜିଲା ପ୍ରକଳ୍ପ ପ୍ରଯୋଜକ ସଞ୍ଜୟ କୁମାର ବାରିକ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କ ପକ୍ଷରୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନୀ କରାଯାଇଥିଲା।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଶୀତଳପୁର ବିଜୟୀ

**ଆରଡ଼ି, ୭।୨(ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ସାନପଙ୍କିଠାରେ ବାବା ସ୍ୱପ୍ନେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ତୃପ୍ତିରଞ୍ଜନ ସାହୁଙ୍କ ସ୍ମୃତିରେ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଶୀତଳପୁର ଓ ଭୂଇଁପୁର ଟିମ୍ ପରସ୍ପରକୁ ଭେଟିଥିଲେ। ନିର୍ଦ୍ଧାରିତ ଓଭରରେ ଶୀତଳପୁର ୮୪ ରନ୍ କରିଥିଲା। ଭୂଇଁପୁର ଟିମ୍ ୭୫ ରନ୍ କରି ପରାଜିତ ହୋଇଥିଲା। ପୂର୍ବତନ ଜିଲାପରିଷଦ ସଭ୍ୟ ସୁରେଶ ସାହୁ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କରିଥିଲେ ପ୍ରିୟରଞ୍ଜନ ସାହୁ ଓ ପ୍ରକାଶ ସାହୁ। ସଂଗ୍ରାମ ସାହୁ, ଅଭୟ ସାହୁ, ସମରେଶ ବେହୁରିଆ, ଦେବେନ୍ଦ୍ର ବେହୁରିଆ, ଜ୍ୟୋତିରଞ୍ଜନ ଖଟୁଆ, ଭବାନୀ ଶଙ୍କର ବେହୁରିଆ ଓ ଉଦୟନାଥ ସାହୁ ସହାୟତା କରିଥିଲେ।


ଅତିଥି ମ୍ୟାଚ୍‌କୁ ଉଦ୍‌ଘାଟନ କରୁଛନ୍ତି।

# ଛାତ୍ର ଜୀବନ ଆତ୍ମଗଠନର ଉପଯୁକ୍ତ ସମୟ

**ବନ୍ତ,୭।୨(ଡି.ଏନ.ଏ.)**

ଛାତ୍ର ଜୀବନ ଆତ୍ମଗଠନର ଉପଯୁକ୍ତ ସମୟ। ଏହି ସମୟରେ ଅବହେଳା କଲେ ଛାତ୍ରର ଭବିଷ୍ୟତ ବ୍ୟର୍ଥ ହୋଇଯାଇପାରେ ବୋଲି ବନ୍ତ ବ୍ଲକ ନିଳୋକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ଶୋଭେନ୍ଦ୍ର ମାଝୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମନମୋହନ ଆଚାର୍ଯ୍ୟ ଓ ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକର ବେହେରା, ଗୌରାଙ୍ଗ ଚରଣ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢୀ, ଓଷ୍ଟାର ବ୍ଲକ ସମ୍ପାଦକ ଶଶୀଶେଖର କରଶର୍ମା, ସରପଞ୍ଚ ଅଶୋକ ମହାନ୍ତି ଓ ରାଜଧାନୀ କଳା, ବିଜ୍ଞାନ, ବାଣିଜ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଭରତ ସାହୁ ଯୋଗଦେଇଥିଲେ। ଶିକ୍ଷକ ସୁଧାକର ପଣ୍ଡା ଅତିଥି ପରିଚୟ ପ୍ରଦାନ, ଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁରଜିତା ବାଇ, ଚିତ୍ରାବତୀ ବେହେରା, ରବିନାରାୟଣ ଖିଲାର, ବିଜୟ କୁମାର ଦାସ, ଧରଣୀଧର ରାଉତ ଓ ଉପେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା।



ଉତ୍ସବରେ ଉପସ୍ଥିତ ଅତିଥି।

# ଦାଣ୍ଡକୁ ବାହାରିଲେ, ଦର୍ଶନ ଦେଲେ

**ଆରଡ଼ି,୭।୨(ଡି.ଏନ.ଏ.)**

ପରମ୍ପରା ଅନୁଯାୟୀ ବର୍ଷକରେ ଥରେ ପ୍ରଭୁ ମନ୍ଦିରରୁ ଦାଣ୍ଡକୁ ବାହାରନ୍ତି। ୩ ଦିନ ଭକ୍ତଙ୍କୁ ଦର୍ଶନ ଦେଇ ବାହୁଡ଼ି ଯାଆନ୍ତି। ବହୁ ପ୍ରାଚୀନ କାଳରୁ ରହିଛି ଏହି ପରମ୍ପରା। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ କୁଳେଇପଦା ଗାଁରେ ରହିଛି ନିଆରା ପରମ୍ପରା। ଏଠାରେ ନିତାଇଗୌର ମନ୍ଦିରରେ ରହିଛି ପ୍ରଭୁ ଶ୍ରୀ ଗୌରାଙ୍ଗ ଓ ଶ୍ରୀ ନିତ୍ୟାନନ୍ଦଙ୍କ ଦାରୁ ବିଗ୍ରହ। ପ୍ରତିବର୍ଷ ପରି ଚଳିତବର୍ଷ ମାଘ ଦ୍ୱାଦଶୀ ତିଥି ଗୁରୁବାର ସନ୍ଧ୍ୟାରେ ପ୍ରଭୁଙ୍କୁ ନାମ ସଂକୀର୍ତ୍ତନ କରି ଦାଣ୍ଡକୁ ବିଜେ କରିବାକୁ ଅନୁମତି ମଗାଯାଇଥିଲା। ୨ ଘଣ୍ଟା ପରେ ପ୍ରଭୁଙ୍କ ମସ୍ତକରୁ ଫୁଲ ଖସିଥିଲା। ଏହାପରେ ପ୍ରଭୁଙ୍କୁ ଦାଣ୍ଡରେ ବିଜେ କରାଯାଇଥିଲା। ରାତିରେ ଭଜନ ପରିବେଷଣ କରାଯାଇ ପ୍ରଭୁଙ୍କର ପହୁଡ଼ ସମାପନ ହୋଇଥିଲା। ଶୁକ୍ରବାର ଭୋରରୁ ମଙ୍ଗଳ ଆଳତି ପରେ ଠାକୁରଙ୍କୁ ମହାସ୍ନାନ କରାଯାଇଥିଲା। ପରେ ସକାଳଧୂପ ସମାପିତ ହୋଇଥିଲା। ଏହି ପର୍ବ ଦେଖିବା ପାଇଁ ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିଲା।


ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ପ୍ରଭୁ ଶ୍ରୀ ଗୌରାଙ୍ଗ ଓ ନିତ୍ୟାନନ୍ଦ।

ବିଧି ଅନୁସାରେ ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ପ୍ରାୟ ୨୦ଟି ସଂକୀର୍ତ୍ତନ ମଣ୍ଡଳୀ ଗ୍ରାମରେ ନାମ ଜପ କରିଥିଲେ। ସନ୍ଧ୍ୟାରୁ ଅର୍ଦ୍ଧରାତ୍ର ଯାଏ ଆଖପାଖ ଗାଁର ଭକ୍ତଙ୍କ ଭିଡ଼ ହୋଇଥିଲା। ପୂଜକ ନୃସିଂହ ଦାଶ ଓ ଶଙ୍କର୍ଷଣ ଦାଶ ସମସ୍ତ ନୀତିକାନ୍ତି ସମାପନ କରିବା ସହ ଭକ୍ତମାନଙ୍କୁ ଚନ୍ଦନ ତୁଳସୀ ପ୍ରଦାନ କରିଥିଲେ। ମଧ୍ୟାହ୍ନରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ଓ ସନ୍ଧ୍ୟାରେ ମାଲସା ଭୋଗ ବ୍ୟବସ୍ଥା କରାଯାଇଥିଲା। ଶନିବାର ସକାଳୁ ନଗର ସଂକୀର୍ତ୍ତନ କରାଯିବ ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଗ୍ରାମବାସୀ ଆଖପାଖ ୩ ଖଣ୍ଡ ଗାଁ ଭ୍ରମଣ କରି ଆଧ୍ୟାତ୍ମିକତାର ବାର୍ତ୍ତା ପ୍ରଦାନ କରିବେ ବୋଲି ପୂଜକଙ୍କଠାରୁ ପ୍ରକାଶ। ଅପରାହ୍ନରେ ଦଧିହାଣ୍ଡି ଭଙ୍ଗା ପର୍ବ ଅନୁଷ୍ଠିତ ହେବ। ଗାଁର ଯୁବକମାନେ କାଦୁଅ ଫିଙ୍ଗାଫିଙ୍ଗି ହୋଇ ଦାଣ୍ଡରେ ଗଡ଼ିବେ। ପରେ ଭୋଜିଭାତର ଆୟୋଜନ କରାଯିବ। ସନ୍ଧ୍ୟା ପୂର୍ବରୁ ଠାକୁରଙ୍କୁ ମନ୍ଦିର ପ୍ରବେଶ କରାଯିବ। କଲିକତାରେ ବସବାସ କରୁଥିବା ଏହି ଗାଁର ଗୟାଧର ନାୟକ କହନ୍ତି, ଗାଁରେ ଥିବା ପ୍ରଭୁ ଶ୍ରୀ ଗୌରାଙ୍ଗ ଓ ଶ୍ରୀ ନିତ୍ୟାନନ୍ଦ ସମସ୍ତ ବିପଦର ରକ୍ଷାକର୍ତ୍ତା ହୋଇ ପୂଜା ପାଇ ଆସୁଛନ୍ତି। ଏହି ପରମ୍ପରା ଗାଁର ସମସ୍ତ ବର୍ଗର ଲୋକଙ୍କୁ ଏକତା ବନ୍ଧନରେ ବାନ୍ଧି ରଖେ ବୋଲି ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ଖଟୁଆ କହନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ଫେବୃୟାରୀ ୮/୨୦୨୦ Balasore, Saturday, February 8/2020

# ନିଶା ପିଆଇ ନାବାଳିକାଙ୍କୁ ବଳାତ୍କାର

**ସଜନାଗଡ଼, ୭।୨(ଡି.ଏନ.ଏ.)**

## ଅଭିଯୁକ୍ତ ଗିରଫ, ତଦନ୍ତ ଜାରି

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ନିଶା ପିଆଇ ବଳାତ୍କାର କରାଯାଇଥିବା ନାବାଳିକାଙ୍କ ମା' ଅଯୋଧ୍ୟା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏନେଇ ନୀଳଗିରି ଥାନାରେ ମାମଲା (ନଂ. ୪୭/୨୦) ରୁଜୁ କରାଯାଇ ପୋକ୍ସୋ ଆକ୍ଟ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଅଧିକାରିଣୀ ସସ୍ମିତା ମଲ୍ଲିକ ସୂଚନା ଦେଇଛନ୍ତି। ଗତ ଜାନୁୟାରୀ ୨୯ତାରିଖରେ ୧୪ବର୍ଷୀୟା ଜଣେ ନାବାଳିକାଙ୍କ ପେଟରେ ଯନ୍ତ୍ରଣା ହେଉଥିବା ସେ ପରିବାର ଲୋକଙ୍କୁ ଜଣାଇଥିଲେ। ଯନ୍ତ୍ରଣା ସମ୍ପର୍କରେ ମା' ଝିଅକୁ ପଚାରିବାରୁ ପ୍ରାୟ ୩ମାସ ତଳେ ୨ ଜଣ ଯୁବକ ସନ୍ତୋଷ ସିଂ ଓ ଡୁଦୁ ସିଂ ଉଭୟ ମିଶି ତାଙ୍କୁ ଗ୍ରାମର ଗୋଟିଏ ଦୋକାନକୁ ନେଇ ଜବରଦସ୍ତି ନିଶା ପିଆଇଥିଲେ। ପରେ ଡୁଦୁ ଘରକୁ ପଳାଇ ଯାଇଥିବା ବେଳେ ସନ୍ତୋଷ ତାଙ୍କୁ ବିଲ ଆଡ଼କୁ ଟେକି ନେଇ ବଳାତ୍କାର କରିଥିଲେ। ଏ ସମ୍ପର୍କରେ କାହାରିକୁ ଜଣାଇଲେ ଜୀବନରୁ ମାରିଦେବା ଲାଗି ଧମକ ଦେଇଥିବା ନାବାଳିକା ଜଣକ ମା'ଙ୍କ ଠାରେ ପ୍ରକାଶ କରିଛନ୍ତି। ପରେ ପରିବାର ଲୋକେ ଗ୍ରାମର ଭଦ୍ରଲୋକଙ୍କ ସହଯୋଗରେ ଏହି ଘଟଣାର ସମାଧାନ ନିମନ୍ତେ ଏକ ବୈଠକ ଡକାଇଥିଲେ। ମାତ୍ର ବୈଠକକୁ ସନ୍ତୋଷ ଆସି ନ ଥିଲେ। ଶେଷରେ ନିରୁପାୟ ହୋଇ ନାବାଳିକାଙ୍କ ପରିବାର ଲୋକେ ଗୁରୁବାର ଅଯୋଧ୍ୟା ଫାଣ୍ଡିରେ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇ ନୀଳଗିରି ଥାନା ଆଇଆଇସି ମିନତୀ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ତଦନ୍ତ ଆରମ୍ଭ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ତଦନ୍ତ ଜାରି ରଖିଛି।

# ଛାତ୍ରୀ ଆତ୍ମହତ୍ୟା ଘଟଣାର ନିରପେକ୍ଷ ତଦନ୍ତ ଦାବି


ଏସ୍‌ପି ଅଫିସ ସମ୍ମୁଖରେ ନାରୀ ସୁରକ୍ଷା ମଞ୍ଚର କର୍ମକର୍ତ୍ତା।

**ଭଦ୍ରକ ଅଫିସ, ୭।୨**

ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ଜଣେ କଲେଜ ଛାତ୍ରୀ ୧୯ ଦିନ ତଳେ ଭଦ୍ରକ ଷ୍ଟେଶନରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ସେତେବେଳେ ରେଲୱେ ପୋଲିସ ହାଲ୍କା ଭାବେ ନେଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହି ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ଛାତ୍ରୀ ଜଣଙ୍କ ରହୁଥିବା ମେସ୍‌ରେ ଜଣେ ଯୁବକଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ ହୋଇଛି। ପୋଲିସ ଏ ସମ୍ପର୍କରେ ଜାଣିବା ପରେ ମଧ୍ୟ ନିଜ ଆଡୁ ମାମଲା ରୁଜୁ କରି ତଦନ୍ତ କରୁନାହିଁ ବୋଲି ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଅଭିଯୋଗ କରିଛନ୍ତି। ଗୁରୁବାର ଜାତୀୟ ମାନବାଧିକାର ସଂଘ ଓ ଶୁକ୍ରବାର ନାରୀ ସୁରକ୍ଷା ମଞ୍ଚ ପକ୍ଷରୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି। ଭାଇରାଲ ହୋଇଥିବା ଭିଡିଓର ସତ୍ୟାସତ୍ୟ ତଦନ୍ତ ପରିସରଭୁକ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନାଥାଉ କି, ମୃତା ଛାତ୍ରୀଙ୍କ ଘର ଗଞ୍ଜାମ ଜିଲାରେ ହୋଇଥିବାବେଳେ ସେ ବାସୁଦେବପୁର ଅଞ୍ଚଳରେ ରହି ଯୁକ୍ତ ୩ରେ ପାଠ ପଢ଼ି ଆସୁଥିଲେ। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ମହିଳାଙ୍କ ସ୍ୱାର୍ଥ ଅଧିକାର ପାଇଁ ଲଢୁଥିବା ନାରୀ ସମାଜ ବାଧ୍ୟହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବ ଓ ଭବିଷ୍ୟତ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ପୋଲିସ ପ୍ରଶାସନ ଦାୟୀ ରହିବ ବୋଲି ନାରୀ ସୁରକ୍ଷା ମଞ୍ଚର ରାଜଲକ୍ଷ୍ମୀ ମହାପାତ୍ର, ଚୈତାଳି ଖିଲାର ଓ ଲିପିକା ବାରିକ ପ୍ରମୁଖ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ନାଗପୁରରେ ଓଡ଼ିଆ ଯବାନଙ୍କ ଆତ୍ମହତ୍ୟା

**ବାଲିଆପାଳ, ୭।୨(ସ୍ୱ.ପ୍ର.)**

## ତଦନ୍ତ ଦାବି କଲେ ପରିବାର ଲୋକେ

ନାଗପୁରରେ ସୈନ୍ୟ ବିଭାଗରେ ତାଲିମ ନେଉଥିବା ବସ୍ତା ବ୍ଲକ ବେଗୁନିଆ ଗ୍ରାମର ରାମଚନ୍ଦ୍ର ନାମକ ଯବାନ ଗଛରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତ। ତାଙ୍କ ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ବସ୍ତା ବ୍ଲକ ବେଗୁନିଆ ଗ୍ରାମର ପିତାମ୍ବର ବେହେରାଙ୍କ ପୁଅ ରାମଚନ୍ଦ୍ର ବେହେରା (୨୧) ଦୁଇମାସ ତଳେ ସୈନ୍ୟବାହିନୀରେ ଯୋଗଦେଇ ନାଗପୁରରେ ତାଲିମ ନେଉଥିଲେ। ମାତ୍ର ଶୁକ୍ରବାର ସକାଳେ ଟ୍ରେନିଂ କ୍ୟାମ୍ପର ଅଳ୍ପଦୂରରେ ଗୋଟିଏ ଗଛରେ ଝୁଲନ୍ତା ଅବସ୍ଥାରେ ତାଙ୍କ ସାଙ୍ଗମାନେ ଦେଖିଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ମେଡ଼ିକାଲକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପରିବାର ଲୋକେ ପୁଅ ଫାଶୀ ଲଗାଇ ଆତ୍ମହତ୍ୟା କରିବାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହାର ତଦନ୍ତ କରାଯିବାକୁ ତାଙ୍କ ବାପା ପିତାମ୍ବର ବେହେରା ଦାବି କରିଛନ୍ତି। ରାମଚନ୍ଦ୍ରଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ଶନିବାର ରାମଚନ୍ଦ୍ରଙ୍କ ମରଶରୀର ବିମାନ ଯୋଗେ ନାଗପୁରରୁ ଭୁବନେଶ୍ୱର ଆସିବ। ସେଠାରୁ ଗାଁ ବେଗୁନିଆ ଆସିବା ପରେ ଶବ ସତ୍କାର କରାଯିବ ବୋଲି ଜଣାପଡ଼ିଛି।




# ଅସ୍ତ୍ରୋପଚାରରେ ବିଳମ୍ବ ନେଇ ଉତ୍ତେଜନା

**ବାଲେଶ୍ୱର ଅଫିସ, ୭।୨**

ବାଲେଶ୍ୱର କୁରୁଡ଼ାସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଜଣେ ରୋଗୀଙ୍କୁ ଆନାସ୍ଥେସିଆ ଦିଆଯିବା ପରେ ଅସ୍ତ୍ରୋପଚାର ପାଇଁ ବିଳମ୍ବ କରାଯାଇଥିବା ରୋଗୀଙ୍କ ସମ୍ପର୍କୀୟମାନେ ଗୁରୁବାର ସନ୍ଧ୍ୟାରେ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ହସ୍‌ପିଟାଲରେ କିଛି ସମୟ ଉତ୍ତେଜନା ସହ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚିବା ପରେ ପରିସ୍ଥିତି ସ୍ୱାଭାବିକ ହେବା ସହ ରୋଗୀର ଚିକିତ୍ସା କରାଯାଇଥିବା ଜଣାପଡ଼ିଛି।

ଚାନ୍ଦିପୁର ଥାନା ପଦ୍ମପୁର ଗ୍ରାମର ଗୌତମ ବେହେରାଙ୍କୁ ଗୁରୁବାର ଉକ୍ତ ହସ୍‌ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଅପରାହ୍ନରେ ଅପରେଶନ୍ ପାଇଁ ଆନାସ୍ଥେସିଆ ଦିଆଯିବା ପରେ ରୋଗୀଙ୍କୁ ଛାଡ଼ି ଡାକ୍ତର ପଳାଇ ଯାଇଥିଲେ। ପରିବାର ଲୋକେ ହସ୍‌ପିଟାଲ କର୍ତ୍ତୃପକ୍ଷଙ୍କୁ ଅସ୍ତ୍ରୋପଚାର ବିଳମ୍ବ ହେବାର କାରଣ ପଚାରିଥିଲେ। କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଉତ୍ତେଜିତ ହୋଇ ପରିବାର ଲୋକେ ପାଟିତୁଣ୍ଡ କରିଥିଲେ। ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୋଲିସ୍ ହସ୍ତକ୍ଷେପ କରିବା ପରେ ଅସ୍ତ୍ରୋପଚାର କରାଯାଇଛି।




# ବେଆଇନ ବାଲି ବୋଝେଇ ୬ ଗାଡ଼ି ଜବତ


ଆମ୍ବଳିଅଠା ଛକରେ ଅଧିକାରୀମାନେ ଗାଡ଼ି ଯାଞ୍ଚ କରୁଛନ୍ତି।

**ଜଳେଶ୍ୱର, ୭।୨(ସ୍ୱ.ପ୍ର.)**

ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ର ଓ ଜଳେଶ୍ୱର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା ଶୁକ୍ରବାର ଜଳେଶ୍ୱର ତହସିଲ ଅଞ୍ଚଳର ଆମ୍ବଳିଅଠା ଛକ, ଅଗ୍ରୱାଲା ଛକ ଓ ଜମାଲପୁର ବାଇପାସ୍‌ଠାରେ ଅଚାନକ ଭାବେ ଚଢ଼ାଉ କରି ବେଆଇନ ଭାବେ ବାଲି ଚାଲାଣ କରୁଥିବା ୫ଟି ଡମ୍ପର ଓ ୧ଟି ଟ୍ରାକ୍ଟରକୁ ଜବତ କରାଯାଇଛି। ଶନିବାର ଏଗୁଡ଼ିକରୁ ଜରିମାନା ଆଦାୟ କରାଯାଇ ଛଡ଼ାଯିବ ବୋଲି ପଣ୍ଡା ସୂଚନା ଦେଇଛନ୍ତି। ଚଢ଼ାଉରେ ନାମ୍ପୋ ଆର୍‌ଆଇ ସୁଶାନ୍ତ ମଙ୍ଗଳ, ସଦର ଆର୍‌ଆଇ ମାନସ ବେହେରା, ଖୁଆଡ଼ ଆର୍‌ଆଇ ଦିଲୀପ କୁମାର ଚାନ୍ଦଙ୍କ ସମେତ ଏନ୍‌ଫୋର୍ସମେଣ୍ଟ ଟିମ୍ ଉପସ୍ଥିତ ଥିଲେ। ଜବତ ହୋଇଥିବା ଡମ୍ପରଗୁଡ଼ିକ ହେଲା ଓଡ଼ି୨୨ପି-୯୩୧୧, ଡବ୍ଲୁବି୩୩ଡି-୩୩୭୫, ଓଡ଼ି୦୧ଭି-୦୦୮୯, ଓଡ଼ି୨୨ଜେ-୪୫୬୬ ଓ ଓଡ଼ି୦୧ଡି-୧୪୪୦ ହୋଇଥିବା ବେଳେ ଟ୍ରାକ୍ଟରର ନଂ ଓଡ଼ି୦୧ଏନ୍-୫୭୯୮ ବୋଲି ଜଣାଯାଇଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ୨ ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍

ପାଟଣା, ୭।୨(ସ୍ୱ.ପ୍ର.) - କେନ୍ଦୁଝର ଜିଲା ପାଟଣା ତହସିଲ ଅଧୀନ ୨ଟି ଲଘୁ ଖଣିଜ ଉତ୍ସର ଶୁକ୍ରବାର ଦୀର୍ଘ ମିଆଦୀ ଲିଜ ହୋଇଛି। ଏଥିମଧ୍ୟରେ ରହିଛି ରାଜନଗର ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ବୈତରଣୀ ନଦୀର ଦେଓ ଗାଁ ବାଲି ଉତ୍ସ ଓ ଟାଙ୍ଗରପଡା ରାଜସ୍ୱ ନିରୀକ୍ଷକ ଅନ୍ତର୍ଗତ ଅଙ୍କୁରା ପଥର ଖଣି। ଦୁଇଟି ଯାକ ଖଣି ଏହି ତହସିଲର ନୂତନ ଉତ୍ସ। ତେବେ ଏହି ନୂତନ ଉତ୍ସରୁ ଉତ୍ତୋଳନ ନେଇ ସ୍ଥାନୀୟ ଲୋକେ ପୂର୍ବରୁ ବିରୋଧ ଓ ଅସନ୍ତୋଷ ପ୍ରକାଶ କରିଛନ୍ତି। ଦେଓ ଗାଁ ବାଲି ଉତ୍ସ ସକାଶେ ୭ଜଣ ଟେଣ୍ଡର ପକାଇଥିବା ବେଳେ ତୁରୁମୁଙ୍ଗାର ମାନସ କୁମାର ସାହୁ ସର୍ବାଧିକ ୧ ଟଙ୍କା ୭୫ପଇସା କ୍ୟୁବିକ ମିଟର ଦରରେ ଓ ଅଙ୍କୁରା ପଥର ଖଣି ସକାଶେ ୩ଜଣ ଟେଣ୍ଡର ପକାଇଥିବା ବେଳେ ରାଜନଗରର ସତ୍ୟନ୍ଦ୍ର ମିଶ୍ର ସର୍ବାଧିକ ୩୭୫ ଟଙ୍କା ୭୫ ପଇସା କ୍ୟୁବିକ ମିଟର ଦରରେ ଲିଜ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏସବୁ ଲିଜ ଟେଣ୍ଡର ମାଧ୍ୟମରେ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ପାଟଣା ତହସିଲଦାର ଶିବପ୍ରସାଦ ମୁର୍ମୁ ଓ ପାଟଣା ଥାନାଧିକାରୀ ସନ୍ଧ୍ୟାରାଣୀ ଜେନାଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲା ଯାଇଥିଲା।

### କୃମିନାଶକ ପ୍ରଶିକ୍ଷଣ ଶିବିର



ରାଇସୁଆଁ, ୭।୨(ଡି.ଏନ.ଏ.- କେନ୍ଦୁଝର ଜିଲା ସଦର ବ୍ଲକ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୃମିନାଶକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୧୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଅଶୋକ କୁମାର ନାଏକଙ୍କ ସହ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ପୁରୁଷୋତ୍ତମ ନାଏକ, ପରିସଂଖ୍ୟାନ ସହାୟକ ଅମ୍ଳାନ କିଶୋର ପରିଡ଼ା, ସଦର ଅତିରିକ୍ତ ଶିକ୍ଷା ଅଧିକାରୀ ହୃଷୀକେଶ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଶିକ୍ଷାଧିକାରୀ ମହାନ୍ତ କୃମି ମଣିଷ ଦେହରେ କ'ଣ କ୍ଷତି କରିଥାଏ ସେ ବିଷୟରେ ସୂଚନା ଦେଇଥିଲେ। ଡାକ୍ତର ନାଏକ ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଆସନ୍ତା ୧୦ତାରିଖରେ କୃମିନାଶକ ଔଷଧ ଖାଇବାକୁ ଦିଆଯିବ ବୋଲି କହିଥିଲେ। ସେଦିନ ବିଦ୍ୟାଳୟରେ ଅନୁପସ୍ଥିତ ଥିବା ଛାତ୍ରୀଛାତ୍ରଙ୍କୁ ୧୭ ତାରିଖରେ ଔଷଧ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

### ରାଜନଗର ଉପଡାକଘରେ ପିଏଲଆଇ ମେଳା

ପାଟଣା,୭।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗରସ୍ଥିତ ଉପଡ଼ାକଘର ପିଏଲ୍ଆଇ ଓ ଆରପିଏଲଆଇ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜନଗର ପୋଷ୍ଟ ମାଷ୍ଟର ଭୁବନେଶ୍ୱର ନାୟକ, ତୃପ୍ତି ରଞ୍ଜନ ସିଂହ , ସହକାରୀ ସୁପେରିଣ୍ଟେଣ୍ଡେଣ୍ଟ ରାଧାକୃଷ୍ଣ ସାହୁ ଓ ସଞ୍ଜୟ କୁମାର ପ୍ରମୁଖ ଯୋଗ ଦେଇଥିଲେ। ରାଜନଗର, ଉଦୟପୁର ଓ ତୁରୁମୁଙ୍ଗା ପୋଷ୍ଟ ଅଫିସର ସମସ୍ତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ମେଳାରେ ୪୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ଉପସ୍ଥିତ ଥିଲେ।

### ମନ୍ଦିର ପରିଚାଳନା ସମିତିର ବାର୍ଷିକ ସାଧାରଣ ବୈଠକ

ହାଟଡିହୀ, ୭।୨(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କାନପୁର କାହ୍ନେଶ୍ୱର ମନ୍ଦିରର ପରିଚାଳନା ସମିତିର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ସଭାପତି ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ସମ୍ପାଦକ ହରମୋହନ ପଣ୍ଡା ଉପସ୍ଥିତ ଥିଲେ। ସମ୍ପାଦକ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥଲେ। ୨୦୨୦ ମସିହାରେ ମନ୍ଦିରର ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଜୟ କୁମାର ସାମଲ, ସନ୍ତୋଷ କୁମାର ଜେନା, ସରୋଜ କୁମାର ରାଉତ, ଅଲେଖ ବେହେରା, ପୁରୁଷୋତ୍ତମ ରାଉତ, ଗୁଣାକାର ଜେନା, ବୃନ୍ଦାବନ ବେହେରା, ଗୋପବନ୍ଧୁ ପାଣିଗ୍ରାହୀ, ମାନସ ରଞ୍ଜନ ମହାପାତ୍ର, ଦିବ୍ୟଲୋଚନ ବେହେରା, କହ୍ନେଇ ଚରଣ ଜେନା ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ରବି ଚାଷରେ ଆଗୁଆ ଯୋଡ଼ା

ଚମ୍ପୁଆ/ଯୋଡ଼ା, ୭।୨(ଡି.ଏନ.ଏ)





ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ।

ଖଣି ଖାଦାନ ଭରା ଚମ୍ପୁଆ ଉପଖଣ୍ଡ ଏବେ ଚାଷ ଆଡ଼କୁ ମୁହାଁଉଛି। ଖଣି ଖାଦାନ ବନ୍ଦ ଫଳରେ ଲୋକେ ବେରୋଜଗାର ହଟାଇବା ସହିତ କୃଷି କାର୍ଯ୍ୟକୁ ଆଦରି ନେଉଛନ୍ତି। ଯାହାର ଉଦାହରଣ ପାଲଟିଛି ଚମ୍ପୁଆ କୃଷି ଜିଲାରେ ୨୦୧୯-୨୦ ରବି ଋତୁରେ ଟାର୍ଗେଟଠାରୁ ଅଧିକ ଚାଷ କରିଛି ଯୋଡ଼ା ବ୍ଲକ। ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ୨୦୧୯-୨୦ ରବି ଋତୁରେ ଚମ୍ପୁଆ ବ୍ଲକରେ ୭୭୫୧ ହେକ୍ଟର ଜମିରେ ଚାଷ ପାଇଁ ଟାର୍ଗେଟ ଦିଆଯାଇଥିବାବେଳେ ୭୭୩୫ ହେକ୍ଟର ଜମିରେ ଚାଷ କରାଯାଇଥିଲା। ସେହିପରି ଝୁମ୍ପୁରା ବ୍ଲକର ୬୩୮୫ ହେକ୍ଟର ଟାର୍ଗେଟ ରହିଥିବାବେଳେ ୫୫୦୬ ହେକ୍ଟର ଜମିରେ ଚାଷ କରାଯାଇଥିଲା। ମାତ୍ର ଯୋଡ଼ାରେ ୩୯୧୦ ହେକ୍ଟର ଜମି ଟାର୍ଗେଟ ଦିଆଯାଇଥିଲା। ୪୬୫୦ ହେକ୍ଟର ଜମିରେ ଚଳିତ ରବିଋତୁରେ ଚାଷ କରାଯାଇଛି।

୨୦୧୧ ଜନଗଣନା ଅନୁଯାୟୀ ଚମ୍ପୁଆରେ ୨୦୩୪୪, ଯୋଡ଼ାରେ ୧୦୪୯୫ ଓ ଝୁମ୍ପୁରାରେ ୧୭୨୮୩ ଜଣ ଚାଷୀ ରହିଛନ୍ତି। ଏହାଛଡ଼ା ଚମ୍ପୁଆରେ ୧୯୧୮୧ ହେକ୍ଟର, ଝୁମ୍ପୁରାରେ ୧୩୬୯୧ ଓ ଯୋଡ଼ାରେ ୭୮୮ ହେକ୍ଟର ଚାଷଜମି ରହିଛି। ଚଳିତବର୍ଷ ବର୍ଷା ଅଭାବରୁ ଠିକ୍ ଭାବେ ଧାନ ଚାଷ ହୋଇପାରି ନ ଥିବାବେଳେ ରବି ଋତୁରେ ଚମ୍ପୁଆ ବ୍ଲକକୁ ୧୦୦ କୁଇଣ୍ଟାଲ ସୋରିଷ, ୨୫୦ କୁଇଣ୍ଟାଲ ଚଣା ଓ ୧୨୫ କୁଇଣ୍ଟାଲ ମଟର ଦିଆଯାଇଥିଲା। ସେହିପରି ଯୋଡ଼ା ବ୍ଲକକୁ ୧୦୦ କୁଇଣ୍ଟାଲ ସୋରିଷ, ୩୩୦ କୁଇଣ୍ଟାଲ ଚଣା ଓ ୭୫ କୁଇଣ୍ଟାଲ ମଟର ଦିଆଯାଇଥିଲା। ଝୁମ୍ପୁରାକୁ ୪୨ କୁଇଣ୍ଟାଲ ସୋରିଷ, ୧୦୫ କୁଇଣ୍ଟାଲ ଚଣା ଓ ୫୦ କୁଇଣ୍ଟାଲ ମଟର ପ୍ରଦାନ କରାଯାଇଥିବା ଜିଲା କୃଷି ଅଧିକାରୀ ଗଜେନ୍ଦ୍ର ନାଥ ଗୋଚ୍ଛାୟତ ସୂଚନା ଦେଇଛନ୍ତି। ବିଭାଗୀୟ ମତ ଅନୁଯାୟୀ ଚଣା, ସୋରିଷ ଓ ମଟର ଚାଷ ପାଇଁ ମଟାଳ ମାଟିର ଆବଶ୍ୟକତା ରହିଥିବାବେଳେ ଚମ୍ପୁଆ ଓ ଯୋଡ଼ା ବ୍ଲକରେ ଏହି ଚାଷର ସଫଳତା ମିଳିଛି।

## ଯୋଡ଼ା ଖଣି ଉପନିର୍ଦ୍ଦେଶାଳୟ ହେଲା ଯୁଗ୍ମ ନିର୍ଦ୍ଦେଶାଳୟ

ଯୋଡ଼ା, ୭।୨(ଡି.ଏନ୍.ଏ)

ରାଜ୍ୟର ମୁଖ୍ୟ ଖଣି କ୍ଷେତ୍ର କେନ୍ଦୁଝର ଜିଲାର ଯୋଡା ଖଣି ଉପନିର୍ଦ୍ଦେଶାଳୟ ଏଣିକି ଯୁଗ୍ମ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ଭାବେ ବିବେଚିତ ହେବ। ମିଳିଥିବା ସୂଚନାନୁଯାୟୀ, ଏହି ଖଣି ଉପନିର୍ଦ୍ଦେଶାଳୟରେ ଯୁଗ୍ମ ନିର୍ଦ୍ଦେଶକ ଭାବେ ସଲୀଲ ବେହେରା ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏଠାରେ ଖଣି ଉପନିର୍ଦ୍ଦେଶାଳୟ ଥିଲେ ହେଁ, ବର୍ଷେ ହେଲା ଉପନିର୍ଦ୍ଦେଶକ ପଦବୀ ଖାଲି ପଡ଼ିଥିଲା। ଜଣେ ବରିଷ୍ଠ ଖଣି ଅଧିକାରୀ ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟ ତୁଲାଉଥିଲେ । ଏନେଇ 'ଧରିତ୍ରୀ'ରେ ମଧ୍ୟ ଖବର ପ୍ରକାଶ ପାଇଥିଲା । ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ଉପନିର୍ଦ୍ଦେଶକ ପଦବୀକୁ ଉଚ୍ଛେଦ କରି ଏଠାରେ ଜଣେ ଯୁଗ୍ମ ନିର୍ଦ୍ଦେଶକଙ୍କୁ ଅବସ୍ଥାପିତ କରାଯାଇଛି। ପ୍ରାୟ ୯୦ଟିରୁ ଅଧିକ ଖଣିଥିବା ଯୋଡା ଖଣି ମଣ୍ଡଳ ବାର୍ଷିକ ୩୫ ଶହ କୋଟି ଟଙ୍କା ରାଜସ୍ୱ ଦେଇଥାଏ। ବର୍ତ୍ତମାନ ଏହି ଅଞ୍ଚଳରେ ଖଣି ନିଲାମ ପ୍ରକ୍ରିୟା ଜାରି ରହିଛି । ଅନ୍ତର୍ରାଷ୍ଟ୍ରୀୟ କମ୍ପାନୀମାନେ ଏହି ଅଞ୍ଚଳରୁ ଖଣି ନିଲାମ ମାଧ୍ୟମରେ ନେଇ ସାରିଲେଣି। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ରାଜ୍ୟ ସରକାର ଯୋଡା ଉପନିର୍ଦ୍ଦେଶାଳୟକୁ ଯୁଗ୍ମ ନିର୍ଦ୍ଦେଶାଳୟରେ ପରିଣତ କରିବା ସହ ଜଣେ ଯୁଗ୍ମ ନିର୍ଦ୍ଦେଶକଙ୍କୁ ଏଠାରେ ଅବସ୍ଥାପିତ କରାଇଛନ୍ତି।

## ପ୍ରମାଣ ଅଭାବରୁ ୩୨ ନିର୍ଦ୍ଦୋଷରେ ଖଲାସ

**ଟୋଲ ଗେଟ ଭଙ୍ଗା ମାମଲା**

ପାଟଣା, ୭।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ବୈତରଣୀ ନଦୀ ପୋଲଉପରେ ସରକାରଙ୍କ ପକ୍ଷରୁ ଏକ ଟୋଲ ଗେଟ ବସାଇ ଲୋକଙ୍କଠାରୁ ଶୁଳ୍କ ଆଦାୟ କରାଯାଉଥିଲା। ମାତ୍ର ଏହାକୁ ବିରୋଧ କରି ୨୦୦୬ ଅପ୍ରେଲ ୧୭ ତାରିଖରେ ପାଟଣା ଅଞ୍ଚଳର ବିଭିନ୍ନ ରାଜନୈତିକ ଦଳର ନେତା ଓ ସ୍ଥାନୀୟ ସାମାଜିକ କର୍ମୀମାନେ ମିଶି ଟୋଲ ଗେଟ ଭାଙ୍ଗି ଥିବା ନେଇ ପାଟଣା ଥାନାରେ ଏକ ମାମଲା (ନଂ.୨୭/୦୬) ରୁଜୁ ହୋଇଥିଲା। ଏନେଇ କୋର୍ଟରେ ଜିଆର କେଶ (ନଂ .୩୧୧/୦୬)ରେ ମାମଲା ଚାଲି ଥିଲା। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସିପ୍ରା ପ୍ରିୟଦର୍ଶିନୀ ସାହୁ ଏହି ମାମଲାର ଶୁଣାଣି କରି ୩୨ ଜଣଙ୍କୁ ସାକ୍ଷ୍ୟ ଓ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଚତୁର୍ଭୁଜା ହୋତା, ଗୌରୀରଞ୍ଜନ ମିଶ୍ର ଓ ଅଶ୍ୱିନୀ ପଟ୍ଟନାୟକ ପ୍ରମୁଖ ମାମଲା ଲଢୁଥିଲେ। ନିର୍ଦ୍ଦୋଷରେ ଖଲାସ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପୂର୍ବତନ ପାଟଣା ବିଧାୟକ ହୃଷିକେଶ ନାଏକ, କାହ୍ନୁ ଚରଣ ନାଏକ, ସ୍ୱର୍ଗତ ଗୌରହରୀ ନାଏକ, ସ୍ୱର୍ଗତ ମହେଶ୍ୱର ମାଝୀ, ପାଟଣା ବ୍ଲକ ପୂର୍ବତନ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ଗୌରହରୀ ନାଏକ, ସାହାରପଡା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୌତମ ନାଏକ, କବି ସ୍ୱର୍ଗତ ଜଗଦାନନ୍ଦ ମିଶ୍ର, ସାମାଜିକ କର୍ମୀ ବିଜୟରତ୍ନ ପତି, ଅଜୟ କୁମାର ଦାଶ, ପ୍ରଶାନ୍ତ କୁମାର ଭଞ୍ଜ, ଜତୀନ୍ଦ୍ର କୁମାର ଦାଶ, ସଞ୍ଜିତ ଚକ୍ର, ପ୍ରମୋଦ କୁମାର ଭଞ୍ଜ, ବୁଲୁ ଭଞ୍ଜ, ସଞ୍ଜୟ ଦାଶ, ବିଭୁ ବେହେରା, ସୁଦାମ ଦାଶ ଓ ଏମଡି ଖୁର୍ସିଦ ଆଲାମଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ରହିଛନ୍ତି। ଦୀର୍ଘଦିନର ବ୍ୟବଧାନ ପରେ ଏହି ମାମଲାଟି ଫଇସଲା ହୋଇଥିବାରୁ ସ୍ଥାନୀୟ ଲୋକେ ଆଶ୍ୱସ୍ତି ଲାଭ କରିଛନ୍ତି।

### ଟ୍ରାକ୍ଟର ଧକ୍କାରେ ମହିଳା ମୃତ

ଯୋଡ଼ା, ୭।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଜଜାଙ୍ଗଠାରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନ ୨ଟା ବେଳେ ଜଜାଙ୍ଗ ଗ୍ରାମର ଜଗବନ୍ଧୁ ଖୀଲାରଙ୍କ ସ୍ତ୍ରୀ ସୁକ୍ରମ ଖୀଲାର ପଞ୍ଚାୟତ କାର୍ଯ୍ୟାଳୟରୁ ଘରକୁ ଫେରୁଥିବା ବେଳେ ପଛପଟୁ ଏକ ଟ୍ରାକ୍ଟର ଧକ୍କା ଦେଇଥିଲା । ଫଳରେ ସୁକ୍ରମ ଗୁରୁତର ଆହତ ଆହତ ହୋଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ଟାଟାଷ୍ଟିଲ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ, ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ସୁକ୍ରମ ଖୀଲାରଙ୍କର ପୁଅ ଅନୀଲ ବାମେବାରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ମାମଲା(ନଂ.୧୫/୨୦୨୦) ରୁଜୁ କରି ଟ୍ରାକ୍ଟରକୁ ଜବତ କରିଥିବା ବାମେବାରୀ ଥାନା ଅଧିକାରୀ ଅମିତାଭ ଦାସ ସୂଚନା ଦେଇଛନ୍ତି।

## ପରମେଶ୍ୱରଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା

ରାଇସୁଆଁ, ୭।୨ (ଡି.ଏନ.ଏ.)



ଅସହାୟ ପରମେଶ୍ୱର ଦେହୁରୀ।

ସରକାର ଗରିବ, ଅସହାୟ, ନିରାଶ୍ରୟଙ୍କ ଥଇଥାନ ପାଇଁ ଯୋଜନା ପରେ ଯୋଜନା କରିଚାଲିଛନ୍ତି। ମାତ୍ର ପଞ୍ଚାୟତ କାର୍ଯ୍ୟାଳୟର ଖାମଖିଆଲି ମନୋଭାବ ଏବଂ ଜିଲାପ୍ରଶାସନର ଆନ୍ତରିକତାର ଅଭାବ ଯୋଗୁ ସରକାରଙ୍କ ବହୁ ଜନକଲ୍ୟାଣ ଯୋଜନାର ସୁଫଳ ଯୋଗ୍ୟହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁ ନାହିଁ। ଫଳରେ ଯୋଜନା ଯୋଜନାରେ ହିଁ ରହିଯାଉଛି। ଏହିପରି ଏକଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ବାଉରୀପଦା ପଞ୍ଚାୟତର ବାଉରୀପଦା ଗ୍ରାମର ପରମେଶ୍ୱର ଦେହୁରୀ (୭୮)ଙ୍କ କ୍ଷେତ୍ରରେ। ପରମେଶ୍ୱର ଜଣେ ଅତି ଗରିବ ନିରାଶ୍ରୟ ହୋଇଥିବାବେଳେ ଆଜିଯାଏ ତାଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା। ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ଘର ବି ନାହିଁ। ଏନେଇ ବହୁ ବାର ପଞ୍ଚାୟତ କାର୍ଯ୍ୟାଳୟ ଏବଂ ବ୍ଲକ କାର୍ଯ୍ୟାଳୟରେ ଆବେଦନ କରି କରି ଥକି ଗଲେଣି। ଖାଲି ମିଳୁଛି ମିଥ୍ୟା ପ୍ରତିଶ୍ରୁତି। ପରମେଶ୍ୱରଙ୍କ ସ୍ତ୍ରୀ କୁହନ୍ତି ଆଗରୁ ଦିନମଜୁରି କରି ପରିବାରର ଗୁଜୁରାଣ ମେଣ୍ଟାଉ ଥିଲେ। ମାତ୍ର ଏବେ ବାର୍ଦ୍ଧକ୍ୟ ଯୋଗୁ କାମଧନ୍ଦା କରିପାରୁ ନାହାନ୍ତି। ଜିଲାପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ତାଙ୍କୁ ସହାୟତା ଯୋଗାଇ ଦେବାକୁ ସାଧାରଣ ରେ ଦାବି ହେଉଛି।

## ଜାତୀୟ ସଂହତି ଶିବିରରେ ବିଭିନ୍ନ କାର୍ଯ୍ୟକ୍ରମ

କେନ୍ଦୁଝର,୭।୨(ଡି.ଏନ.ଏ.)





ଶିବିରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ।

କେନ୍ଦୁଝର ସଦର ବ୍ଲକ ରାଇସୁଆଁ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଆୟୋଜିତ ଜାତୀୟ ସଂହତି ଶିବିରର ଦ୍ୱିତୀୟ ଓ ତୃତୀୟ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ସ୍କାଉଟ ଓ ଗାଇଡ୍‌ମାନଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଡ୍ରଇଁ ଏବଂ ପେଷ୍ଟି ଦ୍ୱାରା ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ଜାତୀୟ ଉପସଭାପତି, ଓଡ଼ିଶା ରାଜ୍ୟ ସ୍କାଉଟ, ଗାଇଡ କମିଶନର ଡ. କାଳୀପ୍ରସାଦ ମିଶ୍ର କ୍ୟାମ୍ପ ପରିଦର୍ଶନରେ ଆସିବା ସମୟରେ ଜିଲା ସ୍କାଉଟ୍ ଓ ଗାଇଡ ମାଷ୍ଟର, କ୍ୟାପଟେନ ଏବଂ କଲର ପାର୍ଟି ଦ୍ୱାରା ସ୍ୱାଗତ କରାଯାଇଥିଲା। ତାଙ୍କୁ ମଞ୍ଚକୁ ପାଛୋଟି ନିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ଚନ୍ଦ୍ର ମହାନ୍ତି, ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଝୁମ୍ପୁରା ବ୍ଲକର ଅବସରପ୍ରାପ୍ତ ଏବିଇଓ ବିଜୟ କୁମାର ବେହେରା, ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଚତୁର୍ଥ ଦିବସରେ ସ୍କାଉଟ ଓ ଗାଇଡ୍‌ମାନଙ୍କ ମଧ୍ୟରେ ନେଟ୍‌ୱର୍କିଂ ଖେଳ ସହ କ୍ୟାମ୍ପର ସବୁଠାରୁ ଆକର୍ଷଣୀୟ 'ଫୁଡ୍ ଭିଲା' ଆୟୋଜନ କରାଯାଇଥିଲା। ସାନ୍ଧ୍ୟକାଳୀନ କାର୍ଯ୍ୟକ୍ରମରେ ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଝୁମ୍ପୁରା ବ୍ଲକ ଶିକ୍ଷା ଅଧିକାରୀ ଦୁଃଶାସନ ସିଂ ଓ ବାଂଶପାଳ ବ୍ଲକ ଶିକ୍ଷା ଅଧିକାରୀ ସନାତନ ରାଉତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ପ୍ରେସ କ୍ଲବ ପକ୍ଷରୁ ଶୁଭେଚ୍ଛା

ତେଲକୋଇ,୭।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଖବରଦାତା ସଂଘର ବାର୍ଷିକ ଉତ୍ସବରେ ତେଲକୋଇର ଗଣମାଧ୍ୟମ ପ୍ରତିନିଧି ଚିନ୍ମୟ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଛି। ଏଥିପାଇଁ ତେଲକୋଇ ପ୍ରେସ୍ କ୍ଲବ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଭାରତୀୟ ପ୍ରେସ୍ କାଉନସିଲର ସଦସ୍ୟ ଛାୟାକାନ୍ତ ନାୟକ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ ତଥା ଅଭିନେତା କୁନା ତ୍ରିପାଠୀ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ବିଭୂତି ଭୂଷଣ କର ଓ କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବ୍ଲକ ଖବରଦାତା କ୍ଲବ ପକ୍ଷରୁ ଶୁକ୍ରବାର ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ଲବର ରଣଜିତ ବିଶ୍ୱାଳ, ଅନୁକୂଳ ବିଶ୍ୱାଳ, ବିରଞ୍ଚି ବେହେରା, ଲୋକନାଥ ସାହୁ, ଅକ୍ଷୟ ପ୍ରଧାନ, ଅମରେଶ ପ୍ରଧାନ, ବିକ୍ରମ କେଶରୀ ଚୌହାନ, ପ୍ରଦିନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନଦୁଆଁ ଅଲେଖ ମଠରେ ଶୌଚାଳୟ ଉଦ୍‌ଘାଟିତ



ବାବା ଭାଗୀରଥି ଦାଶଙ୍କ ଦ୍ୱାରା ଶୌଚାଳୟ ଉଦ୍‌ଘାଟିତ।

ଘସିପୁରା, ୭।୨(ଡି.ଏନ.ଏ.)

ଘସିପୁରା ବ୍ଲକ ନଦୁଆଁ ଗ୍ରାମର ମହିମାଗାଦି ଅଲେଖ ମଠରେ ଟ୍ରକମାଲିକ ସଂଘ କର୍ମକର୍ତ୍ତା ଓ ବଦାନ୍ୟ ବ୍ୟକ୍ତିଙ୍କ ଅନୁଦାନରେ ନିର୍ମିତ ଶୌଚାଳୟ ଉଦ୍‌ଘାଟିତ ହୋଇଯାଇଛି। ବର୍ଷତମାମ ଓ ମାଘମେଳା ସମୟରେ ଭକ୍ତ ଏବଂ ଆମନ୍ତ୍ରିତ ଅଲେଖ ସାଧୁମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଟ୍ରକ ମାଲିକ ସଂଘର ସମ୍ପାଦକ ସୂର୍ଯ୍ୟନାରାୟଣ କର, କାର୍ଯ୍ୟକାରୀ ସଦସ୍ୟ ପ୍ରତାପ ସାହୁ ଓ କୁଳମଣି ସାହୁଙ୍କ ଆର୍ଥିକ ସହାୟତାରେ ଏହି ଶୌଚାଳୟ ନିର୍ମାଣ ହୋଇଛି। ବାବା ଭାଗୀରଥି ଦାଶ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବୁଲୁ ବେହେରା, ଗିଲୁ ବେହେରା, ଅର୍ଜୁନ ବେହେରା, କବି ବେହେରା, ବାବୁ ବେହେରା, ଗୋଲକ ବେହେରା, ଅଶୋକ ସାହୁ, ଭରତ ଜେନା, ଦୀପକ ସାହୁ , ଅଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ପ୍ରୋ-ମିନେରାଲ କାରଖାନା ଚାଲୁ କରିବାକୁ ଦାବି

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ**





ଝୁମ୍ପୁରା, ୭।୨(ଡି.ଏନ.ଏ.)

ଝୁମ୍ପୁରା ବ୍ଲକ ବସନ୍ତପୁର ପଞ୍ଚାୟତରେ ଅବସ୍ଥିତ ପ୍ରୋ-ମିନେରାଲ କାରଖାନା ଚଳାଇବାକୁ ବସନ୍ତପୁର, ନୟାଗଡ ଏବଂ ମଲଦା ପଞ୍ଚାୟତବାସୀ ଦାବି କରିଛନ୍ତି। ପଞ୍ଚାୟତବାସୀଙ୍କ ଜୀବନଜୀବିକା କଥାକୁ ଚିନ୍ତା କରି ପଦକ୍ଷେପ ନେବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଗିରିଧାରୀ ବେହେରା, ଦାସ ମହାକୁଡ, ବିପିନ ମହାକୁଡ, ଧନେଶ୍ୱର ବେହେରା, ନିରନ ବେହେରା, ଚକ୍ର ମୁଣ୍ଡା, ଶୁକ୍ରା ମୁଣ୍ଡା, ଦଲ ନାଏକ, ସୁନିଆ ମୁଣ୍ଡା, ଅରୁଣ ମହାକୁଡ, କୁନା ମହାକୁଡ, ଚନ୍ଦ୍ର ମୁଣ୍ଡା ପ୍ରମୁଖ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦାବିପତ୍ରରେ ୫୦୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀଙ୍କ ଦସ୍ତଖତ ରହିଛି। ଏମାନଙ୍କ ମଧ୍ୟରେ ଅଧିକାଂଶ ଲୋକ କାରଖାନା ପାଇଁ ଜମି ଯୋଗାଇ ଦେଇଥିଲେ।

ବସନ୍ତପୁର ପଞ୍ଚାୟତବାସୀ ଦାବିପତ୍ରରେ ଦର୍ଶାଇଛନ୍ତି ଯେ, ୮ବର୍ଷ ପୂର୍ବରୁ ଏହି ପଞ୍ଚାୟତରେ ପ୍ରୋ-ମିନେରାଲ କାରଖାନା ତିଆରି ହୋଇଥିଲା। ବସନ୍ତପୁର ପଞ୍ଚାୟତକୁ ଲାଗି ଯୋଡା ଖଣିମଣ୍ଡଳ ରହିଛି। ଏ ଅଞ୍ଚଳରେ କେବଳ ଖଣି ରହିଥିବା ବେଳେ, ପ୍ରୋ ମିନେରାଲ ଏକମାତ୍ର କାରଖାନା ରହିଛି। ତେବେ କିଛି ବର୍ଷ କାରଖାନା ଚାଲିବା ପରେ ୪ବର୍ଷ ହେଲା ବନ୍ଦ ରହିଛି। କାରଖାନା ବନ୍ଦ ହେବା ଫଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜୀବନଜୀବିକା ଚଳାଉଥିବା ପାଖାପାଖି ୧୫୦୦ ପରିବାର ବହୁ ଅସୁବିଧା ଦେଇ ଗତି କରୁଛନ୍ତି। ଏବେ ପ୍ରୋ-ମିନେରାଲ କାରଖାନାକୁ ଆଦିତ୍ୟ ବିର୍ଲାଗ୍ରୁପ ନେଇ ବନ୍ଦ ପଡିଥିବା କାରଖାନାର ପୁନରୁଦ୍ଧାର କାମ ଚାଲୁ ରଖିଛି। ଏହି ମରାମତି କାମରେ ଏହି ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ଲୋକ କାମ କରୁଛନ୍ତି। ତେବେ କାରଖାନା ଚାଲିବା ନେଇ ଏହି ଅଞ୍ଚଳବାସୀଙ୍କ ଆଶା ଉଜ୍ଜୀବିତ ହୋଇଛି। କାରଖାନା ବନ୍ଦ ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୧୫୦୦ରୁ ଊର୍ଦ୍ଧ୍ୱ ପରିବାରର ଜୀବନଜୀବିକା ଉଜୁଡିଯିବ। ପ୍ରୋ-ମିନେରାଲ କାରଖାନା ଚଳାଇବା ଦାବି ନେଇ ବସନ୍ତପୁର ପଞ୍ଚାୟତବାସୀ ଜିଲାପାଳଙ୍କୁ ଭେଟିବା ସହିତ କେନ୍ଦୁଝର ପୋଲିସ ଆରକ୍ଷୀ ଅଧୀକ୍ଷକ, ଚମ୍ପୁଆ ଉପଜିଲାପାଳ, ଯୋଡା ଖଣି ଉପନିର୍ଦ୍ଦେଶକ, ଭୁବନେଶ୍ୱର ଓଡିଶା ଖଣି ନିର୍ଦ୍ଦେଶକ, ଭୁବନେଶ୍ୱର ଖଣି ଓ ଷ୍ଟିଲ ସେକ୍ରେଟାରୀଙ୍କୁ ଦାବିପତ୍ର ପଠାଇଛନ୍ତି।

**ପୂର୍ବ ତଟ ରେଳପଥ**

**ନିର୍ମାଣ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCPMBBS2020010, ତା: 04.02.2020

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ମଧ୍ୟରେ ନୂଆ ବ୍ରଡ୍ ଗେଜ୍ (B.G.) ରେଳ ଲିଙ୍କ୍ : ନୟାଗଡ଼-ବୁଗୁଡ଼ା ସେକ୍ସନ ମଧ୍ୟରେ ସିଏଚ୍.(CH. KM.) କି.ମି. 96.015 ଠାରେ ଓପନ ଫାଉଣ୍ଡେସନ ସହିତ ଏଲିଫ୍ୟାଣ୍ଟ ପ୍ୟାସେଜ (Elephant Passage) ବ୍ରିଜ୍ ନଂ.190 (2X30.5 ଓପନ ୱେବ୍ ଗର୍ଡ଼ର) ଏବଂ ସିଏଚ୍. (CH. KM.) କି.ମି. 106.450 ଠାରେ ଓପନ ଫାଉଣ୍ଡେସନ ତଥା ରିନ୍‌ଫୋର୍ସଡ୍ ୟାର୍ଥ (Reinforced Earth) ୱାଲ ସହିତ ରୋଡ୍ ଓଭର ବ୍ରିଜ୍ (ROB) ନଂ.235 (2X30.00M କମ୍ପୋଜିଟ୍ ଗର୍ଡ଼ର) ର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** ₹ 2150.40 ଲକ୍ଷ, EMD (ଟଙ୍କାରେ) : ₹ 12,25,400/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 18(ଅଠର)ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.06.03.2020ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

10% ରୁ ଅଧିକ ଟେଣ୍ଡର ମୂଲ୍ୟ ତୁଳନାରେ ସର୍ବନିମ୍ନ ମୋଟ ମୂଲ୍ୟ ପ୍ରଦାନ କରୁଥିବା ଟେଣ୍ଡରଦାତାମାନଙ୍କୁ ଟେଣ୍ଡର ମୂଲ୍ୟର ପ୍ରତିଶତ ସହିତ ସମାନ ମୂଲ୍ୟର ଅତିରିକ୍ତ ପରଫରମାନ୍ସ ଗ୍ୟାରେଣ୍ଟି ଦାଖଲ କରିବାକୁ ହେବ, ଯଦ୍ଦ୍ୱାରା ପ୍ରସ୍ତାବ ସ୍ୱୀକୃତି ଉପରେ ପ୍ରସ୍ତାବ 10% ରୁ କମ୍ ହୋଇପାରିବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-122/CC/19-20

**ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ**
**କଟକ ଖଣ୍ଡପୀଠ**
**କଟକରେ**
**ସି.ଏ./(ସି.ଏ.ଏ.) ସଂ.୦୭/ସିଟିବି/୨୦୧୯**

ମାମଲାରେ;
କମ୍ପାନୀ ଅଧିନିୟମ, ୨୦୧୩

ଏବଂ

ମାମଲାରେ;
କଥିତ ଅଧିନିୟମର ଧାରା ୨୩୦ରୁ ୨୩୨ ତଥା କମ୍ପାନୀ ଅଧିନିୟମ, ୨୦୧୩ର ଅନ୍ୟାନ୍ୟ ପ୍ରଯୁଜ୍ୟ ବ୍ୟବସ୍ଥାପନ ସହିତ ପଠନପୂର୍ବକ କମ୍ପାନୀ (ବୁଝାମଣା, ବ୍ୟବସ୍ଥା ଓ ଏକୀକରଣ) ନିୟମାବଳୀ, ୨୦୧୬ ଅଧୀନରେ ପିଟିସନ

ଏବଂ

ଦାନ୍ତା ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୯ସିଟି୨୦୧୪ପିଟିସି୦୦୯୦୧୬) (ପ୍ୟାନ୍ ନଂ.- ଏଏଇସିଡି୯୬୨୮କି), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି-୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ, ଜିଇ ରୋଡ୍ ରାୟପୁର-୪୯୨୧୦୧ ....... ପ୍ରଥମ ବାଦୀ/ହସ୍ତାନ୍ତରକର୍ତ୍ତା କମ୍ପାନୀ ୧

ଏବଂ

ଗ୍ଲିବ୍ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୦ସିଟି୨୦୧୦ପିଟିସି୦୦୯୦୩୧), (ପ୍ୟାନ୍ ନଂ.- ଏଏଇସିଜି୦୨୦୮କେ), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି-୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ, ଜିଇ ରୋଡ୍ ରାୟପୁର-୪୯୨୧୦୧ ...... ଦ୍ୱିତୀୟ ବାଦୀ/ହସ୍ତାନ୍ତରକର୍ତ୍ତା କମ୍ପାନୀ ୨

ଏବଂ

ସିଦ୍ଧେଶ୍ୱରୀ ଟ୍ରେଡେକ୍ସ ପ୍ରାଇଭେଟ୍ ଲିମିଟେଡ୍ (ୟୁ୫୧୯୦୯ସିଟି୨୦୧୩ପିଟିସି୦୦୯୦୧୭), (ପ୍ୟାନ୍ ନଂ.- ଏଏଟିସିଏସ୍୦୯୭୪ଏମ୍), କମ୍ପାନୀ ଅଧିନିୟମ ୧୯୫୬ର ବ୍ୟବସ୍ଥାପନ ଅଧୀନରେ ଗଠିତ ଏକ କମ୍ପାନୀ, ପଞ୍ଜୀକୃତ କାର୍ଯ୍ୟାଳୟ: ଏଚ୍. ନଂ. ସି-୨, ଷ୍ଟାଫ୍ କଲୋନୀ, ମେଶିନାରୀ ଡିଭିଜନ, ୧୩ କେ ଏମ୍ ଷ୍ଟୋନ୍, ମନ୍ଦିର ହସୌଦ, ଜିଇ ରୋଡ୍ ରାୟପୁର-୪୯୨୧୦୧ ...... ତୃତୀୟ ବାଦୀ/ହସ୍ତାନ୍ତରଗ୍ରାହୀ କମ୍ପାନୀ

ମାମଲାରେ
୨୦ ଜାନୁୟାରୀ, ୨୦୨୦ ଦିନ ପ୍ରଦତ୍ତ ଆଦେଶ

**ପିଟିସନ ନୋଟିସ**

**ନୋଟିସ ପ୍ରଦାନ କରାଯାଉଛି ଯେ** କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୩୦ରୁ ଧାରା ୨୩୨ ସମେତ ପଠନପୂର୍ବକ ଅନ୍ୟାନ୍ୟ ବ୍ୟବସ୍ଥାପନ ଅଧୀନରେ, ଉପରନାମିତ ବାଦୀମାନଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ଦାନ୍ତା ଏଣ୍ଟରପ୍ରାଇଜେସ୍ ପ୍ରାଇଭେଟ୍ ଲିମିଟେଡ୍, ଗ୍ଲିବ୍ ଟ୍ରେଡିଂ ପ୍ରାଇଭେଟ୍ ଲିମିଟେଡ୍, ସିଦ୍ଧେଶ୍ୱରୀ ଟ୍ରେଡେକ୍ସ ପ୍ରାଇଭେଟ୍ ଲିମିଟେଡ୍ ଏବଂ ସେମାନଙ୍କର ସମ୍ପୃକ୍ତ ଅଂଶୀଦାରଙ୍କ ପ୍ରସ୍ତାବିତ ମିଶ୍ରଣ ଯୋଜନାର ମଞ୍ଜୁରୀ ଆଦେଶକୁ ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠ ଦ୍ୱାରା ୨୦ ଜାନୁୟାରୀ ୨୦୨୦ ଦିନ ସ୍ୱୀକୃତ ହୋଇଥିଲା ଏବଂ ଏହାର ଶୁଣାଣି ତାରିଖକୁ ୨୦ ଫେବୃୟାରୀ, ୨୦୨୦ ଦିନ ଧାର୍ଯ୍ୟ କରାଯାଇଛି ।

**କୌଣସି ବ୍ୟକ୍ତି** ଯଦି କଥିତ ପିଟିସନକୁ ସମର୍ଥନ କିମ୍ବା ବିରୋଧ କରିବା ପାଇଁ ଇଚ୍ଛୁକ ଥାଆନ୍ତି ତେବେ ସେ ନିମ୍ନପ୍ରଦତ୍ତ ଠିକଣାରେ ବାଦୀଙ୍କ ଓକିଲଙ୍କ ନିକଟକୁ ନିଜସ୍ୱ କିମ୍ବା ନିଜ ଓକିଲଙ୍କ ସ୍ୱାକ୍ଷର ତଥା ପୂରା ନାମ ଓ ଠିକଣା ସହିତ ତାଙ୍କର ଅଭିପ୍ରାୟ ଦର୍ଶାଉଥିବା ଏକ ନୋଟିସ ପ୍ରେରଣ କରିବେ ଯାହା ପିଟିସନ ଶୁଣାଣି ଲାଗି ଧାର୍ଯ୍ୟ ତାରିଖରୁ ଦୁଇ ଦିନ ପୂର୍ବ ସୁଦ୍ଧା ବାଦୀଙ୍କ ଓକିଲଙ୍କ ନିକଟରେ ପହଞ୍ଚିବା ଆବଶ୍ୟକ । ପିଟିସନର ବିରୋଧ କରୁଥିବା କ୍ଷେତ୍ରରେ, ଶୁଣାଣି ପାଇଁ ସ୍ଥିର ତାରିଖରୁ ଦୁଇ ଦିନ ପୂର୍ବ ସୁଦ୍ଧା, ବିରୋଧର କାରଣ କିମ୍ବା ପିଟିସନ ବିରୁଦ୍ଧରେ ବ୍ୟବହାର ହେବା ଲାଗି ଉଦ୍ଦିଷ୍ଟ ସତ୍ୟପାଠରେ ଏକ ପ୍ରତିଲିପି ମାନ୍ୟବର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କଟକ ଖଣ୍ଡପୀଠ, ଡଗରପଡ଼ା, ସିଡିଏ ଏରିଆ, କଟକ, ଓଡ଼ିଶା-୭୫୩୦୦୨, ଭାରତଙ୍କ ନିକଟରେ ଦାଏର କରିବେ ଏବଂ ଏକ ପ୍ରତିଲିପି ବାଦୀଙ୍କ ଓକିଲଙ୍କ ନିକଟକୁ ପ୍ରେରଣ କରିବେ । ପିଟିସନର ପ୍ରତିଲିପି ହାସଲ କରିବାକୁ ଚାହୁଁଥିବା ଯେକୌଣସି ବ୍ୟକ୍ତି ନିର୍ଦ୍ଧାରିତ ଦେୟ ପୈଠ କରି ବାଦୀଙ୍କ ଓକିଲଙ୍କଠାରୁ ତାହା ପ୍ରାପ୍ତ କରିପାରିବେ ।

ତାରିଖ: ୭ ଫେବୃୟାରୀ, ୨୦୨୦

ସ୍ୱା./-
**ମେସର୍ସ ହେମନ୍ତ ସେଠୀ ଆଣ୍ଡ କୋ.**
ବାଦୀଙ୍କ ଓକିଲ,
୧୬୦୨ ନବ ପରମାଣୁ, ଅମର ସିନେମା ପଛ,
ଚେମ୍ବୁର, ମୁମ୍ବାଇ-୪୦୦୦୭୧

ସ୍ଥାନ: ମୁମ୍ବାଇ
ତାରିଖ: ୭।୨।୨୦୨୦

## ସଂକ୍ଷେପରେ

### ରୋଇଡା-୨ ଖଣି ହାତେଇଲା ଖତାୟୁ ନାଭେର୍ରାମ୍

**ଭୁବନେଶ୍ୱର, ୭।୨(ବ୍ୟୁରୋ)-** କେନ୍ଦୁଝର ଜିଲାର ରୋଇଡା-୨ ଲୁହାପଥର ଖଣିକୁ ଖତାୟୁ ନାଭେର୍ରାମ୍ ଆଣ୍ଡ କୋ କମ୍ପାନୀ ନିଜ ପାଖରେ ରଖିବାକୁ ସକ୍ଷମ ହୋଇଛି। ୯୦.୯୦ ପ୍ରତିଶତ ପ୍ରିମିୟମ ବଦଳରେ କମ୍ପାନୀ ଏହି ଖଣି ନିଜ ପାଖରେ ପୁର୍ନବାର ଲିଜରେ ରଖିବାକୁ ସକ୍ଷମ ହୋଇଛି। ୨୭.୧୮ ମିଲିୟନ ଟନ୍ ଲୁହାପଥର ଥିବା ଏହି ଖଣିକୁ ହାତେଇବା ପାଇଁ ୯ଟି ପ୍ରତିଷ୍ଠିତ କମ୍ପାନୀ ନିଲାମୀ ପ୍ରକ୍ରିୟାରେ ଭାଗ ନେଇଥିଲେ।

### ପାଲାଗାୟକ ସମ୍ବର୍ଦ୍ଧିତ

**ଭଣ୍ଡାରିପୋଖରୀ,୭।୨(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ସରସଦା ଭାଗବତ ଟୁଙ୍ଗୀ ପରିସରରେ ଅନୁଷ୍ଠିତ ୩୪ତମ ବାର୍ଷିକ ପାରାୟଣ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ପାଲାଗାୟକ ନିଗମାନନ୍ଦ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବିତ୍ ନଟବର ରାଉଳ ଏଥିରେ ଅଧକ୍ଷତା କରିଥିଲେ। ଅତିଥି ଭାବେ ଶିକ୍ଷକ, ପାଲାଗାୟକ ବିଶ୍ୱମ୍ଭର ନାଥ, ଭାଗବତ ଟୁଙ୍ଗୀ ପରିଷଦର ଉପସଭାପତି ଉମାକାନ୍ତ ପାତ୍ର, ନିରଞ୍ଜନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପାଲା ଧର୍ମ ଓ ସଂସ୍କୃତିର ପ୍ରକୃତ ପ୍ରତିଛବି ବୋଲି କହିଥିଲେ। ଅତିଥିମାନେ ପାଲାଗାୟକ ନିଗମାନନ୍ଦଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରବଚକ ଭାବେ ବିକ୍ରମ ମହାରଣା ପ୍ରବଚନ ଦେଇଥିଲେ। ଶଶିଭୂଷଣ ସାହୁ, ରବୀନ୍ଦ୍ରନାଥ ସ୍ୱାଇଁ, ରବୀନ୍ଦ୍ର ଷେଣ୍ଡ, ମୁରଲୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

**ଭଣ୍ଡାରିପୋଖରୀ,୭।୨(ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ବଜାର ଶ୍ରୀରାମ ଦୟା ପରିଷଦ ଆନୁକୂଲ୍ୟରେ ଶ୍ରୀରାମ ମନ୍ଦିର ସମ୍ମୁଖରେ ୨୨ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ୟାସ ବଳରାମ ଦାଶ ଓ ଆଚାର୍ଯ୍ୟ ପ୍ରଫୁଲ୍ଲ ଉପାଧ୍ୟାୟଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆସନ୍ତା ରବିବାର ପୂର୍ଣ୍ଣାହୁତି ହୋଇ ସମାପନ ହେବ। ପ୍ରତ୍ୟହ ସନ୍ଧ୍ୟାରେ ହନୁମାନ ଚାଳିଶା ପଠନ ଓ ପ୍ରବଚନ ପଣ୍ଡିତ ବୀରେନ୍ଦ୍ର ଶତପଥୀ, ସରୋଜିନୀ ଦେବୀ, କୈଳାସ ଚନ୍ଦ୍ର ପଣ୍ଡା ପ୍ରଦାନ କରୁଛନ୍ତି। ପରିଷଦର କର୍ମକର୍ତ୍ତା ଡା. ନିରଞ୍ଜନ ଓଝା, ପ୍ରେମାନନ୍ଦ ନାୟକ, ପୁରୁଷୋତ୍ତମ ରାଉତ, ନାରାୟଣ ଚନ୍ଦ୍ର ଦ୍ୱିବେଦୀ, ପ୍ରଫୁଲ୍ଲ ସାହୁ, ପ୍ରସନ୍ନ ମହାପାତ୍ର, ମହେଶ୍ୱର ନନ୍ଦୀ, ଶ୍ରୀକାନ୍ତ ଦାସ, ପୂର୍ଣ୍ଣଚନ୍ଦ୍ର ଜେନା, ପୁରୁଷୋତ୍ତମ ଧଳ, ବାରିକପୁର ବଜାରର ସମସ୍ତ ବ୍ୟବସାୟୀ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗ କରିଛନ୍ତି। କର୍ତ୍ତା ଶାନ୍ତାରାଣୀ ବେହେରା ଓ କର୍ତ୍ତା ସୁରେଶ ଚନ୍ଦ୍ର ବେହେରା ଦାୟିତ୍ୱ ତୁଲାଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଜାଲ୍ ପ୍ରମାଣପତ୍ରରେ ଚାକିରିକୁ ନେଇ ବିବାଦ

**କେନ୍ଦୁଝର, ୭।୨ (ସ୍ୱ.ପ୍ର.)**

ଜାଲ ସାର୍ଟିଫିକେଟ ଦେଇ ବାଂଶପାଳ ବ୍ଲକ ଅଞ୍ଚଳର ଏକ ୟୁପି ସ୍କୁଲରେ ଜଣେ ଶିକ୍ଷୟିତ୍ରୀ ଚାକିରି କରୁଥିବା ଘଟଣା ପଦାକୁ ଆସିଛି। ଏହି ଶିକ୍ଷୟିତ୍ରୀ ଜଣକ ସିଟି ପରୀକ୍ଷାରେ ଫେଲ୍ ହୋଇଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ତେବେ ସେ କେଉଁ ପ୍ରମାଣପତ୍ର ଦେଇ ଚାକିରି କରିଥିଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ଅଭିଯୋଗ ପରେ ଖୋଳତାଡ଼ ଆରମ୍ଭ ହୋଇଛି। ଅଭିଯୋଗ କ୍ରମେ ଶିକ୍ଷା ବିଭାଗ ଉକ୍ତ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ । ମାତ୍ର ଠିକ୍ ଉତ୍ତର ନ ମିଳିବାରୁ ଶିକ୍ଷା ବିଭାଗ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ସେ ଛୁଟିରେ ଚାଲିଯାଇଥିବା ଜଣାପଡିଛି । ସମ୍ପୃକ୍ତ ଶିକ୍ଷୟତ୍ରୀଙ୍କ ଜାଲିଆତି ଘଟଣା ଜଣା ପଡ଼ିଥିବା ସତ୍ତ୍ୱେ ତାଙ୍କୁ ନଭେମ୍ବର ଓ ଡିସେମ୍ବର ମାସର ଦରମା କିପରି ପ୍ରଦାନ କରାଗଲା ତାହା ଆଲୋଚନାର ବିଷୟ ହୋଇଛି । ଜାନୁୟାରୀ ମାସରେ ସେ ସ୍କୁଲକୁ ନ ଜଣାଇ ଅନୁପସ୍ଥିତ ରହିଥିବା ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। ତେଣୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଜାନୁୟାରୀ ମାସର ଦରମା ବନ୍ଦ କରାଯାଇଥିବା ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ସନାତନ ରାଉତ କହିଛନ୍ତି । ଘଟଣାର ତଦନ୍ତ ଚାଲିଛି ଓ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଇଓ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଜାଲ୍ ପ୍ରମାଣପତ୍ରରେ ବିଭିନ୍ନ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଚାକିରି କରୁଥିବା ନେଇ ଶିକ୍ଷା ବିଭାଗ ପକ୍ଷରୁ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା। ଅନ୍ୟାନ୍ୟ ଜିଲାରେ ଏନେଇ ଧରପଗଡ କରାଯିବା ସହ ଜାଲିଆତି କରି ଚାକିରି କରିଥିବା ଶିକ୍ଷକମାନଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇଥିଲା । କିନ୍ତୁ ଅଦ୍ୟାବଧି କେନ୍ଦୁଝର ଜିଲାରେ କୌଣସି ଏତଲା ହୋଇ ନ ଥିବାରୁ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।



ବ୍ଲାକବେଲ୍ଟ ପରୀକ୍ଷା ପାଇଁ ମନୋନୀତ ହୋଇଥିବା ଛାତ୍ରୀଛାତ୍ର।

# ଟାଏକୋଣ୍ଡୋ ବ୍ଲାକବେଲ୍ଟ ପରୀକ୍ଷା

## ୧୧ ଛାତ୍ରୀଛାତ୍ର ମନୋନୀତ

**କେନ୍ଦୁଝର, ୭।୨(ଡି.ଏନ.ଏ)**

ଓଡ଼ିଶା ଟାଏକୋଣ୍ଡୋ ଟ୍ରେନିଂ ସେଣ୍ଟର ଏବଂ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ହିମାଚଳ ପ୍ରଦେଶର ମନାଲିଠାରେ ୫ଦିନିଆ ବ୍ଲାକବେଲ୍ଟ ଟ୍ରେନିଂ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଆସୋସିଏଶନର ସମ୍ପାଦକ ଗ୍ରାଣ୍ଡମାଷ୍ଟର ଗୋପାଳ ଚନ୍ଦ୍ର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ୟାମ୍ପ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ ଟାଏକୋଣ୍ଡୋ ଖେଳାଳି ଯୋଗ ଦେଇଥିଲେ। କେନ୍ଦୁଝରର ୧୧ଜଣ ଖେଳାଳି ବ୍ଲାକବେଲ୍ଟ ପରୀକ୍ଷା ପାଇଁ ମନୋନୀତ ହୋଇଛନ୍ତି। ଆସନ୍ତା ମାର୍ଚ୍ଚ ତୃତୀୟ ସପ୍ତାହରେ କଟକ ବାରବାଟୀ ଷ୍ଟାଡିୟମଠାରେ ହେବ ରାଜ୍ୟସ୍ତରୀୟ ବ୍ଲାକବେଲ୍ଟ ପରୀକ୍ଷା। ମାନସ ରଞ୍ଜନ ବାରିକ, ଦିଗ୍‌ବିଜୟ ବେହେରା, ଦେବରାଜ ସାହୁ, ଅମ୍ବିତ ହାସଦା, ପାର୍ଥସାରଥୀ ସାହୁ, ମନୋଜ ପାତ୍ର, ଜିତେନ୍ଦ୍ର ଓରାମ, ଲିନେସା ହୋ, ଜଗନ୍ନାଥ ଟୁଡୁ, ତପନ ପୂର୍ତ୍ତି ଓ ବିଶ୍ୱରୂପା ପାତ୍ର ଯୋଗ୍ୟତା ଅର୍ଜନ କରିଥିବା କେନ୍ଦୁଝର ଜିଲା ଆମେଚର ଟାଏକୋଣ୍ଡୋ ଆସୋସିଏଶନର ସମ୍ପାଦକ ନିର୍ମଳ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ରାଲି ପାଇଁ ମିଳିଲାନି ଅନୁମତି



ଖବରଦାତା ସମ୍ମିଳନୀରେ ନାଗରିକ ଅଧିକାର ସଙ୍ଗଠନର କର୍ମକର୍ତ୍ତା ଓ ଅନ୍ୟମାନେ।

## ନାଗରିକ ଅଧିକାର ସଙ୍ଗଠନର ପ୍ରତିବାଦ

**ଧାମନଗର,୭।୨(ଡି.ଏନ.ଏ.)**

ଧାମନଗର ନାଗରିକ ଅଧିକାର ସଙ୍ଗଠନ ପକ୍ଷରୁ ସିଏଏ ବିରୋଧରେ ରାଲି ଏବଂ ସଭା ସକାଶେ ପ୍ରଶାସନ ପକ୍ଷରୁ ଅନୁମତି ନ ମିଳିବାରୁ ଏହାକୁ ବିରୋଧ କରାଯାଇଛି। ଶୁକ୍ରବାର ଧାମନଗରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଙ୍ଗଠନ ଏହାର ପ୍ରତିବାଦ କରିଛି। ଗଣତନ୍ତ୍ର ବ୍ୟବସ୍ଥାକୁ ହତ୍ୟା କରାଯାଇଛି ବୋଲି କୁହାଯାଇଛି। ନାଗରିକ ଅଧିକାର ସଙ୍ଗଠନ ପକ୍ଷରୁ ରାଲି, ଧାମନଗରର ବିଭିନ୍ନ ମୁସ୍‌ଲିମ ସଙ୍ଗଠନ ଓ ଜିଲା ସିପିଆଇ ତରଫରୁ ପ୍ରତିବାଦ ସଭା ଲାଗି ଧାମନଗର ପୋଲିସ ଏବଂ ଜିଲା ପ୍ରଶାସନକୁ ଅନୁମତି ପାଇଁ ଆବେଦନ କରାଯାଇଥିଲା। ଜିଲା ପ୍ରଶାସନ ବିଭିନ୍ନ କାରଣ ଦର୍ଶାଇ ଅନୁମତି ଦେଇ ନ ଥିବା ଅଭିଯୋଗ ହୋଇଛି।

ଏମ୍‌ଡି ଫକରିଉଦ୍ଦିନଙ୍କ ଅଧକ୍ଷତାରେ ସିପିଆଇ ନେତା ଚନ୍ଦ୍ରଶେଖର ନାୟକ ଯୋଗଦେଇ କହିଥିଲେ, ପ୍ରଶାସନ ପିଲାମାନଙ୍କ ପରୀକ୍ଷା ଆଳ ଦେଖାଇ ଅନୁମତି ଦେଇନାହିଁ। ମାତ୍ର ଶବ୍ଦ ପ୍ରଦୂଷଣକୁ ରୋକା ନ ଯାଇ ଦୈନନ୍ଦିନ ବିଭିନ୍ନ କାର୍ଯ୍ୟକ୍ରମରେ ଡିଜେ, ମ୍ୟୁଜିକ ସାଉଣ୍ଡ ବ୍ୟବହାର ଯୋଗୁ ପରୀକ୍ଷାର୍ଥୀମାନେ ମାନସିକ ନିର୍ଯାତନା ପାଉଛନ୍ତି। ସିପିଆଇ ନେତା ଦିବ୍ୟସିଂହ ନାୟକ ରାଜ୍ୟ ସରକାର ସିଏଏକୁ ଲୋକସଭାରେ ସମର୍ଥନ କରିଥିବା ବେଳେ ରାଜ୍ୟବାସୀଙ୍କ ପାଖରେ ସ୍ପଷ୍ଟ ମତାମତ ନାହିଁ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସିପିଆଇ ନେତା ସନ୍ତୋଷ ଦାସ ଯୋଗଦେଇ ସିଏଏ ଓ ଏନଆର୍‌ସିକୁ ବିରୋଧ କରିଥିଲେ। ଏହି ଆଇନକୁ ତୁରନ୍ତ ଫେରାଇ ନିଆଯାଉ ବୋଲି ସେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଡି ଅମାନୁଲ୍ଲା, ସେକ୍ ରୁସ୍ତାମ, ଏମ୍‌ଡି ମଂଜୁରୁଲ ହକଙ୍କ ସମେତ ସଙ୍ଗଠନର ସଦସ୍ୟମାନେ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଗଣିତ ମେଳା

**ଭଦ୍ରକ ଅଫିସ, ୭।୨**

ଭଦ୍ରକ ବ୍ଲକ ରାହାଞ୍ଜି ପଞ୍ଚାୟତ ଅସୁରା ଗ୍ରାମର ତିଶଳପୁର ବିଦ୍ୟାଳୟରେ ଶୁକ୍ରବାର ୟୁଥ୍ ଓ ଇକୋ କ୍ଲବ ପକ୍ଷରୁ ଗଣିତ ମେଳା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ୯୦ ଛାତ୍ରୀଛାତ୍ର ମାନସାଙ୍କ ମଞ୍ଚ, କୁହୁକ ଗଣିତ ମଞ୍ଚ, ଗଣିତ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ, ପ୍ରଦର୍ଶନୀ, ଅଙ୍କକଷା, ଦୌଡ଼ ଓ ରାମାନୁଜଙ୍କ ଜୀବନୀ ଉପରେ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଝୁରନବାଳା ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଗଣିତମେଳାରେ ସାମାଜିକ କର୍ମୀ ମଦନମୋହନ ପରିଡ଼ା ମୁଖ୍ୟଅତିଥି, ବିଶିଷ୍ଟ ଶିକ୍ଷାବିତ୍ ଗଜେନ୍ଦ୍ର ପ୍ରସାଦ ନାୟକ ଅନ୍ୟତମ ଅତିଥି ଓ ତିଶଳପୁର ସାଧନକେନ୍ଦ୍ର ସଂଯୋଜକ ପ୍ରଶାନ୍ତ ବାରିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ୧ମରୁ ୮ମ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକଳ୍ପ ବୁଲି ଦେଖି ମୂଲ୍ୟାୟନ କରିଥିଲେ। ବିଜୟ ଶୁକ୍ଳ, ପ୍ରଣତି ମଲ୍ଲିକ, ସୁରେନ୍ଦ୍ର ପଲାଇ, ଗୌରୀମଣି ମାରାଣ୍ଡି, ମୀରାଲକ୍ଷ୍ମୀ ମହାନ୍ତି, ନିରୁପମା ପଣ୍ଡା, ଦୀପକ ନାଏକ, ମନୋଜ ଦାସ, ନିରଞ୍ଜନ ମହାପାତ୍ର ଓ ବଟକୃଷ୍ଣ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# 'ଠିକ୍ ମାର୍ଗରେ ପରିଚାଳିତ ହୁଅ'

**ବନ୍ତ,୭।୨(ଡି.ଏନ.ଏ.)**

ବନ୍ତ ବ୍ଲକ କାଦବରାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହରେକୃଷ୍ଣ ପୃଷ୍ଟି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ସରପଞ୍ଚ ଲକ୍ଷ୍ମୀପ୍ରିୟା ଭାରତୀ, ମୁଖ୍ୟବକ୍ତା ପ୍ରଫେସର ରାଜକିଶୋର ସାହୁ, ସମ୍ମାନିତ ଅତିଥି ଭାବେ ହଳଧର ରାଉତ, ଅଗଣି ଚରଣ ଜେନା, ଭିକାରୀ ଚରଣ ଦାସ, ସ୍ୱୟଂପ୍ରଭା ଆରଣ, ପ୍ରାଚୀସ୍ମିତା ସାମନ୍ତରାୟ, ମନୋଜ ରାଉଳ, ସୁବଳକାନ୍ତ ପଣ୍ଡା ଓ ଭଗବାନ ଗିରି ଯୋଗ ଦେଇଥିଲେ। ଠିକ୍ ମାର୍ଗରେ ପରିଚାଳିତ ହେଲେ ଜୀବନରେ ଭଲମଣିଷ ହୋଇପାରିବ ବୋଲି ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଭାସ୍କର ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷୟିତ୍ରୀ ଲିଲି ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଭଗବାନ ପୁରୀ, ଗୋପୀନାଥ ପୁହାଣ, ନିରଞ୍ଜନ ପଲେଇ, ସୁକାନ୍ତ ସିଂ, ଭାସ୍ୱତୀ ଜେନା, ଅନୁରାଧା ପାଣିଗ୍ରାହୀ, ସଙ୍ଗୀତା ବେହେରା, ଲୋପାମୁଦ୍ରା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ବିଦ୍ୟାର୍ଥୀ ଭାଷା ଓ ମାଟିର ମହତ୍ତ୍ୱ ବୁଝିବା ଜରୁରୀ

**ତିହିଡ଼ି,୭।୨(ଡି.ଏନ.ଏ.)**

ତିହିଡ଼ି ବ୍ଲକ ପାଳିଆବିନ୍ଧାସ୍ଥିତ ବିରଞ୍ଚିନାରାୟଣ ମାଧବ ଅର୍ଜୁନ କଲେଜର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡ.ଅଜିଜୁର ରହେମାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ଛାତ୍ରସଂସଦ ଉପଦେଷ୍ଟା, ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ। ଉଦ୍‌ଘାଟକ ଭାବେ ବିଧାୟକ ତଥା ବିରୋଧୀଦଳ ଉପନେତା ବିଷ୍ଣୁ ସେଠୀ ଯୋଗଦେଇ ଭାଷା, ଜାତି ଓ ମାଟିର ମହତ୍ତ୍ୱକୁ ବୁଝି ଛାତ୍ରୀଛାତ୍ର ସମୟର ସଦୁପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଏସ୍‌ପି ବିକାଶ ଚନ୍ଦ୍ର ଦାଶ ମୁଖ୍ୟଅତିଥି ଓ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ରସଂସଦ ଉପଦେଷ୍ଟା ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବାଗ୍ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ଓ ସାଂସ୍କୃତିକ ସଂସଦ ଉପସଭାପତି ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରସଂସଦ, ଯୁକ୍ତ ୨ ସାଂସ୍କୃତିକ ସଂସଦ ଓ ନାଟ୍ୟସଂସଦ ପକ୍ଷରୁ ଅଧ୍ୟାପକ ରାଜେନ୍ଦ୍ର ଭୁଏଁଙ୍କ ଓ ସଂସଦର କର୍ମକର୍ତ୍ତାଙ୍କ ସଞ୍ଚାଳନାରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୩ର ଛାତ୍ରୀ ରୁଚିଲତା ବାରିକ ଓ ଯୁକ୍ତ ୨ର ସସ୍ମିତା ଗିରିଙ୍କୁ ଚଳିତ ଶିକ୍ଷାବର୍ଷ ପାଇଁ ସ୍ୱତନ୍ତ୍ର ଭାବେ ଲିଟେରାରୀ ଚାମ୍ପିୟନ ପୁରସ୍କାର ଦିଆଯାଇଥିଲା। ସାଂସ୍କୃତିକ ସଂସଦ ଉପସଭାପତି ଅଧ୍ୟାପକ ସରୋଜ ମହାପାତ୍ର ଧନ୍ୟବାଦ ଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ନରେନ୍ଦ୍ର ପରିଡ଼ାଙ୍କ ନଟରାଜ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଲୋକନାଟ୍ୟ ସଙ୍ଗୀତ ଚଢ଼େୟା-ଚଢ଼େୟାଣୀ, ଘୋଡ଼ାନାଚ, ବାରମାସୀ, ଚକୁଳିଆପଣ୍ଡା, ଯୋଗୀଗୀତ ଏବଂ ସଙ୍ଗୀତ ନିର୍ଦ୍ଦେଶକ ସୁବାସ ରାମ ଓ ସାଥୀ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ନରେନ୍ଦ୍ର ଓ ସୁବାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଜିଲାସ୍ତରୀୟ ଜୀବନ ଜୀବିକା କର୍ମଶାଳା


କର୍ମଶାଳାରେ ଯୋଗ ଦେଇଥିବା ଜିଲାପାଳ ଜ୍ଞାନରଞ୍ଜନ ଦାସ ଓ ଅନ୍ୟ ଅଧିକାରୀମାନେ।

**ଭଦ୍ରକ ଅଫିସ,୭।୨**

ଭଦ୍ରକ ଜିଲା ସଂସ୍କୃତି ଭବନଠାରେ ଓର୍‌ମାସ ପକ୍ଷରୁ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଓଡ଼ିଶା ଜୀବନ ଜୀବିକା ମିଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଜ୍ଞାନରଞ୍ଜନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ୱୟଂସହାୟିକା ଗୋଷ୍ଠୀମାନେ ବଡ଼ି, ପାମ୍ପଡ଼, ଆଚାର ପ୍ରସ୍ତୁତିରେ ସୀମିତ ନ ରହି ବର୍ତ୍ତମାନ ବଜାରରେ ଚାହିଦା ମୁତାବକ ଦ୍ରବ୍ୟ ପ୍ରସ୍ତୁତ କରି ବିକ୍ରି କଲେ ସେମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବା ସହ ଅଧିକ ଅର୍ଥ ଉପାର୍ଜନ କରିପାରିବେ। କେତେକ ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ମଧ୍ୟାହ୍ନ ଭୋଜନ ଖାଦ୍ୟ, ଛତୁଆ ପ୍ରସ୍ତୁତ ଏବଂ ମତ୍ସ୍ୟ ଓ ଉଦ୍ୟାନ ବିଭାଗ ସହିତ ସେମାନଙ୍କୁ ସାମିଲ କରି ଦକ୍ଷତା ବିକାଶ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତି ବ୍ଲକରେ ଜୀବନ ଜୀବିକା ବିଭାଗର ପ୍ରକଳ୍ପ ମ୍ୟାନେଜର ଚଳିତମାସ ବ୍ଲକସ୍ତରୀୟ କର୍ମଶାଳା ଆୟୋଜନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଉତ୍ପାଦିତ ଦ୍ରବ୍ୟକୁ ବିକ୍ରି କରିବା ପାଇଁ ଏକ ସ୍ୱୟଂସହାୟକ ହାଟ କରାଯିବା ନିମନ୍ତେ ସ୍ଥାନ ନିରୂପଣ ଲାଗି ଜିଲାପାଳ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଥିଲେ।

ଅନ୍ୟତମ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ନାବାର୍ଡର ଜିଲା ଉନ୍ନୟନ ପରିଚାଳକ ପି.କେ. ବେହେରା, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଜି.ପି.ରାୟ, ଜିଲା ମତ୍ସ୍ୟ ଅଧିକାରୀ ସନ୍ତୋଷ ଦଳେଇ, କୃଷି ବିଜ୍ଞାନକେନ୍ଦ୍ରର ବୈଜ୍ଞାନିକ ଡ. ଅରବିନ୍ଦ ଦାସ ଏବଂ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ଉର୍ମିଳା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶା ଜୀବନ ଜୀବିକା ମିଶନର ଜିଲା ପ୍ରକଳ୍ପ ପ୍ରଯୋଜକ ସଞ୍ଜୟ କୁମାର ବାରିକ ପରିଚାଳନା କରିଥିଲେ। ଏହି ଅବସରରେ ସ୍ୱୟଂସହାୟିକା ଗୋଷ୍ଠୀମାନଙ୍କ ପକ୍ଷରୁ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଓ ଉତ୍ପାଦିତ ଦ୍ରବ୍ୟର ପ୍ରଦର୍ଶନୀ କରାଯାଇଥିଲା।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଶୀତଳପୁର ବିଜୟୀ

**ଆରଡ଼ି, ୭।୨(ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକ ସାନପଙ୍କିଠାରେ ବାବା ସ୍ୱପ୍ନେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ତୃପ୍ତିରଞ୍ଜନ ସାହୁଙ୍କ ସ୍ମୃତିରେ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଶୀତଳପୁର ଓ ଭୂଇଁପୁର ଟିମ୍ ପରସ୍ପରକୁ ଭେଟିଥିଲେ। ନିର୍ଦ୍ଧାରିତ ଓଭରରେ ଶୀତଳପୁର ୮୪ ରନ୍ କରିଥିଲା। ଭୂଇଁପୁର ଟିମ୍ ୭୫ ରନ୍ କରି ପରାଜିତ ହୋଇଥିଲା। ପୂର୍ବତନ ଜିଲାପରିଷଦ ସଭ୍ୟ ସୁରେଶ ସାହୁ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ପରିଚାଳନା କରିଥିଲେ ପ୍ରିୟରଞ୍ଜନ ସାହୁ ଓ ପ୍ରକାଶ ସାହୁ। ସଂଗ୍ରାମ ସାହୁ, ଅଭୟ ସାହୁ, ସମରେଶ ବେହୁରିଆ, ଦେବେନ୍ଦ୍ର ବେହୁରିଆ, ଜ୍ୟୋତିରଞ୍ଜନ ଖଟୁଆ, ଭବାନୀ ଶଙ୍କର ବେହୁରିଆ ଓ ଉଦୟନାଥ ସାହୁ ସହାୟତା କରିଥିଲେ।


ଅତିଥି ମ୍ୟାଚ୍‌କୁ ଉଦ୍‌ଘାଟନ କରୁଛନ୍ତି।

# ଛାତ୍ର ଜୀବନ ଆତ୍ମଗଠନର ଉପଯୁକ୍ତ ସମୟ

**ବନ୍ତ,୭।୨(ଡି.ଏନ.ଏ.)**

ଛାତ୍ର ଜୀବନ ଆତ୍ମଗଠନର ଉପଯୁକ୍ତ ସମୟ। ଏହି ସମୟରେ ଅବହେଳା କଲେ ଛାତ୍ରର ଭବିଷ୍ୟତ ବ୍ୟର୍ଥ ହୋଇଯାଇପାରେ ବୋଲି ବନ୍ତ ବ୍ଲକ ନିଳୋକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ଶୋଭେନ୍ଦ୍ର ମାଝୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ମନମୋହନ ଆଚାର୍ଯ୍ୟ ଓ ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗନ୍ନାଥ ପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରାକର ବେହେରା, ଗୌରାଙ୍ଗ ଚରଣ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ଚନ୍ଦ୍ର ପାଢ଼ୀ, ଓଷ୍ଟାର ବ୍ଲକ ସମ୍ପାଦକ ଶଶୀଶେଖର କରଶର୍ମା, ସରପଞ୍ଚ ଅଶୋକ ମହାନ୍ତି ଓ ରାଜଧାନୀ କଳା, ବିଜ୍ଞାନ, ବାଣିଜ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଭରତ ସାହୁ ଯୋଗଦେଇଥିଲେ। ଶିକ୍ଷକ ସୁଧାକର ପଣ୍ଡା ଅତିଥି ପରିଚୟ ପ୍ରଦାନ, ଶିକ୍ଷୟିତ୍ରୀ ସ୍ୱୟଂପ୍ରଭା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୁରଜିତା ବାଇ, ଚିତ୍ରାବତୀ ବେହେରା, ରବିନାରାୟଣ ଖିଲାର, ବିଜୟ କୁମାର ଦାସ, ଧରଣୀଧର ରାଉତ ଓ ଉପେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା।



ଉତ୍ସବରେ ଉପସ୍ଥିତ ଅତିଥି।

# ଦାଣ୍ଡକୁ ବାହାରିଲେ, ଦର୍ଶନ ଦେଲେ

**ଆରଡ଼ି,୭।୨(ଡି.ଏନ.ଏ.)**

ପରମ୍ପରା ଅନୁଯାୟୀ ବର୍ଷକରେ ଥରେ ପ୍ରଭୁ ମନ୍ଦିରରୁ ଦାଣ୍ଡକୁ ବାହାରନ୍ତି। ୩ ଦିନ ଭକ୍ତଙ୍କୁ ଦର୍ଶନ ଦେଇ ବାହୁଡ଼ି ଯାଆନ୍ତି। ବହୁ ପ୍ରାଚୀନ କାଳରୁ ରହିଛି ଏହି ପରମ୍ପରା। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ କୁଲେଇପଦା ଗାଁରେ ରହିଛି ନିଆରା ପରମ୍ପରା। ଏଠାରେ ନିତାଇଗୌର ମନ୍ଦିରରେ ରହିଛି ପ୍ରଭୁ ଶ୍ରୀ ଗୌରାଙ୍ଗ ଓ ଶ୍ରୀ ନିତ୍ୟାନନ୍ଦଙ୍କ ଦାରୁ ବିଗ୍ରହ। ପ୍ରତିବର୍ଷ ପରି ଚଳିତବର୍ଷ ମାଘ ଦ୍ୱାଦଶୀ ତିଥି ଗୁରୁବାର ସନ୍ଧ୍ୟାରେ ପ୍ରଭୁଙ୍କୁ ନାମ ସଂକୀର୍ତ୍ତନ କରି ଦାଣ୍ଡକୁ ବିଜେ କରିବାକୁ ଅନୁମତି ମଗାଯାଇଥିଲା। ୨ ଘଣ୍ଟା ପରେ ପ୍ରଭୁଙ୍କ ମସ୍ତକରୁ ଫୁଲ ଖସିଥିଲା। ଏହାପରେ ପ୍ରଭୁଙ୍କୁ ଦାଣ୍ଡରେ ବିଜେ କରାଯାଇଥିଲା। ରାତିରେ ଭଜନ ପରିବେଷଣ କରାଯାଇ ପ୍ରଭୁଙ୍କର ପହୁଡ଼ ସମାପନ ହୋଇଥିଲା। ଶୁକ୍ରବାର ଭୋରରୁ ମଙ୍ଗଳ ଆଳତି ପରେ ଠାକୁରଙ୍କୁ ମହାସ୍ନାନ କରାଯାଇଥିଲା। ପରେ ସକାଳଧୂପ ସମାପିତ ହୋଇଥିଲା। ଏହି ପର୍ବ ଦେଖିବା ପାଇଁ ଶତାଧିକ ଭକ୍ତଙ୍କ ଭିଡ଼ ଜମିଥିଲା।


ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ପ୍ରଭୁ ଶ୍ରୀ ଗୌରାଙ୍ଗ ଓ ନିତ୍ୟାନନ୍ଦ।

ବିଧି ଅନୁସାରେ ଅଷ୍ଟମ ପ୍ରହର ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ପ୍ରାୟ ୨୦ଟି ସଂକୀର୍ତ୍ତନ ମଣ୍ଡଳୀ ଗ୍ରାମରେ ନାମ ଜପ କରିଥିଲେ। ସନ୍ଧ୍ୟାରୁ ଅର୍ଦ୍ଧରାତ୍ର ଯାଏ ଆଖପାଖ ଗାଁର ଭକ୍ତଙ୍କ ଭିଡ଼ ହୋଇଥିଲା। ପୂଜକ ନୃସିଂହ ଦାଶ ଓ ଶଙ୍କର୍ଷଣ ଦାଶ ସମସ୍ତ ନୀତିକାନ୍ତି ସମାପନ କରିବା ସହ ଭକ୍ତମାନଙ୍କୁ ଚନ୍ଦନ ତୁଳସୀ ପ୍ରଦାନ କରିଥିଲେ। ମଧ୍ୟାହ୍ନରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ଓ ସନ୍ଧ୍ୟାରେ ମାଲସା ଭୋଗ ବ୍ୟବସ୍ଥା କରାଯାଇଥିଲା। ଶନିବାର ସକାଳୁ ନଗର ସଂକୀର୍ତ୍ତନ କରାଯିବ ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଗ୍ରାମବାସୀ ଆଖପାଖ ୩ ଖଣ୍ଡ ଗାଁ ଭ୍ରମଣ କରି ଆଧ୍ୟାତ୍ମିକତାର ବାର୍ତ୍ତା ପ୍ରଦାନ କରିବେ ବୋଲି ପୂଜକଙ୍କଠାରୁ ପ୍ରକାଶ। ଅପରାହ୍ନରେ ଦଧିହାଣ୍ଡି ଭଙ୍ଗା ପର୍ବ ଅନୁଷ୍ଠିତ ହେବ। ଗାଁର ଯୁବକମାନେ କାଦୁଅ ଫିଙ୍ଗାଫିଙ୍ଗି ହୋଇ ଦାଣ୍ଡରେ ଗଡ଼ିବେ। ପରେ ଭୋଜିଭାତର ଆୟୋଜନ କରାଯିବ। ସନ୍ଧ୍ୟା ପୂର୍ବରୁ ଠାକୁରଙ୍କୁ ମନ୍ଦିର ପ୍ରବେଶ କରାଯିବ। କଲିକତାରେ ବସବାସ କରୁଥିବା ଏହି ଗାଁର ଗୟାଧର ନାୟକ କହନ୍ତି, ଗାଁରେ ଥିବା ପ୍ରଭୁ ଶ୍ରୀ ଗୌରାଙ୍ଗ ଓ ଶ୍ରୀ ନିତ୍ୟାନନ୍ଦ ସମସ୍ତ ବିପଦର ରକ୍ଷାକର୍ତ୍ତା ହୋଇ ପୂଜା ପାଇ ଆସୁଛନ୍ତି। ଏହି ପରମ୍ପରା ଗାଁର ସମସ୍ତ ବର୍ଗର ଲୋକଙ୍କୁ ଏକତା ବନ୍ଧନରେ ବାନ୍ଧି ରଖେ ବୋଲି ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯୋଧନ ଖଟୁଆ କହନ୍ତି।